

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 FEBRUARY 2022
Vol.No. 33 ■ No. 57 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ରଷ ବିରୋଧରେ ଅଭିଯୋଗ କଲା ୟୁକ୍ରେନ

# ଯୁଦ୍ଧ ମାଧ୍ୟମରେ ନିରୀହ ଲୋକଙ୍କୁ କରାଯାଉଛି ହତ୍ୟା

ନୂଆଦିଲ୍ଲୀ, ୨୭/୦୨ : ୟୁକ୍ରେନ ଓ ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧ କ୍ରମରେ ଶହ ଶହ ନିରୀହ ଜନତାଙ୍କୁ ହତ୍ୟା କରାଯାଉଛି । ଏନେଇ ଅନ୍ତର୍ରାଷ୍ଟ୍ରୀୟ କୋର୍ଟରେ ଅଭିଯୋଗ ଦାଖଲ କରିଛି ୟୁକ୍ରେନ । ୟୁକ୍ରେନ ଅଭିଯୋଗ କରିଛି କି ରଷ ଯୁଦ୍ଧ ନାମରେ ୟୁକ୍ରେନର ସାଧାରଣ ନାଗରିକମାନଙ୍କୁ ହତ୍ୟା କରିବାରେ ଲାଗିଛି । ଏନେଇ କୋର୍ଟ ତୁରନ୍ତ ଅଭିଯୋଗର ଶୁଣାଣି କରି ନ୍ୟାୟ ପ୍ରଦାନ କରିବାକୁ ୟୁକ୍ରେନ ଦାବି କରିଛି । ଏହାସହ ୟୁକ୍ରେନ ଆଇସିଜେରେ ଦାବି କରିଛି କି କୋର୍ଟ ତରଫରୁ ଆଦେଶ ଦିଆଯାଉ କି ରଷ



ସେନା ୟୁକ୍ରେନ ଛାଡି ଚାଲିଯାନ୍ତୁ । ୟୁକ୍ରେନର ଏହି ଅଭିଯୋଗ ଉପରେ ଆଇସିଜେ ଆସନ୍ତା ସପ୍ତାହରେ ଶୁଣାଣି କରିପାରେ ବୋଲି ଆଶା କରାଯାଉଛି । ଅନ୍ୟପଟେ ସଂଯୁକ୍ତ ରାଷ୍ଟ୍ରର ଶରଣାର୍ଥୀ ଏଜେନ୍ସି ତରଫରୁ ଦାବି କରାଯାଇଛି କି, ୟୁକ୍ରେନ ଉପରେ ଋଷ ଆକ୍ରମଣ କରିବା ପରଠାରୁ ଏପର୍ଯ୍ୟନ୍ତ ୩ ଲକ୍ଷ ୬୮ ହଜାର ଲୋକ ୟୁକ୍ରେନ ଛାଡି ସାରିଛନ୍ତି । ଏହାସହ ୟୁଏନ କହିଛି କି ଆଶା କରାଯାଉଛି ୪୦ ଲକ୍ଷ ଲୋକ ୟୁକ୍ରେନ ଛାଡି ପଡୋଶୀ ଦେଶକୁ ଚାଲିଯିବେ। ସେପଟେ ଏହି ଯୁଦ୍ଧ ମଧ୍ୟରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଋଷିଆନ ସ୍ପେଶାଲ ଫୋର୍ସର କାର୍ଯ୍ୟକୁ ପ୍ରଶଂସା କରି କହିଛନ୍ତି କି ୟୁକ୍ରେନରେ ଋଷସେନା ଯେଉଁଳି ଭାବେ ନିଜର ବାହାଦୁରୀ ଦେଖାଇଛି ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ଦେବା କଥା ।

## ୟୁକ୍ରେନ୍‌ରୁ ଫେରିଲେ ଓଡିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ଋଷ- ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ୟୁକ୍ରେନ୍ ରେ ଫସି ରହିଥିବା ଭାରତୀୟ ଛାତ୍ରଛାତ୍ରୀ ସ୍ୱଦେଶ ଫେରିଛନ୍ତି। ୟୁକ୍ରେନ୍ ର ଉତର ପଟ ରୁଷିଆ ଦଖଲ କରିସାରିଥିବାରୁ ଦକ୍ଷିଣ ପଟ ଦେଇ ଭାରତ ଆସିଛନ୍ତି ଏହି ଛାତ୍ରଛାତ୍ରୀ । ସେମାନଙ୍କ ମଧ୍ୟରୁ କିଛି ଓଡିଆ ଛାତ୍ରଛାତ୍ରୀ ଭୁବନେଶ୍ୱରରେ ପହଂଚିବା ପରେ ବେଶ୍ ଖୁସି ଅନୁଭବ କରିଛନ୍ତି। ସେମାନେ ନିଜେ ସୁରକ୍ଷିତ ଫେରିଥିଲେ ହେଁ ସେଠାରେ ଫସି ରହିଥିବା ସେମାନଙ୍କ ବନ୍ଧୁମାନଙ୍କ ପାଇଁ ଚିନ୍ତା ପ୍ରକଟ କରିଛନ୍ତି । ସେଠାକାର ସ୍ଥିତି ଭୟାବହ ହେବାକୁ ଲାଗିଛି । ପ୍ରତି ମୁହୂର୍ତରେ ଆକାଶରୁ ବାରୁଦ ଖସୁଛି। ଅପରେସନ୍ ଗଙ୍ଗାରେ ଏହି ଛାତ୍ରଛାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ୟୁକ୍ରେନରେ ପାଖାପାଖି ୧୦ ହଜାର ଭାରତୀୟ ଫସି ରହିଛନ୍ତି।

## ରାଜ୍ୟରେ କରୋନାରେ ଆଉ ୮ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୬୪ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ଅନୁଗୁଳ ଓ ନୟାଗଡ ଜିଲ୍ଲାର ୨-୨ ଜଣ ଅଛନ୍ତି । ସେହିପରି ଖୋର୍ଦ୍ଧା, ବାଲେଶ୍ୱର, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରୁ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ୟୁକ୍ରେନ ପାଇଁ ସହଯୋଗର ହାତ ବଢାଇଲେ ବ୍ରିଟେନ୍, ଫ୍ରାନ୍ସ

ନୂଆଦିଲ୍ଲୀ, ୨୭/୦୨ : ୟୁକ୍ରେନରେ ଏବେବି ଜାରି ରହିଛି ଋଷ ସେନାର ଆକ୍ରମଣ । ଏହା ମଧ୍ୟରେ ସେନା ୟୁକ୍ରେନର ଅନେକ ପ୍ରାନ୍ତ ଅଧିକାର କରିନେବା ସହ ଏବେ ବି ବିସ୍ଫୋରଣ ଓ ରକେଟ ମାଡ ଜାରି ରଖିଛି । ଅନ୍ୟପଟେ କାହାରି କଥା ଶୁଣୁନଥିବା ଋଷ ଉପରେ ଆକ୍ରୋଶ ମନୋଭାବ ପୋଷଣ କରିଛନ୍ତି ୟୁରୋପୀୟ ରାଷ୍ଟ୍ର ସମୂହ । ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇଦେବାକୁ ବ୍ରିଟେନ ସମେତ ୨୭ଟି ଦେଶ ପ୍ରତିଶ୍ରୁତି ଦେଇଛନ୍ତି । ଏହା ଘୋଷଣା କରିଛନ୍ତି ନିଜେ ୟୁକ୍ରେନ ରାଷ୍ଟ୍ରପତି ବୋଲିଦାଭିର ଜେଲେନସ୍କି । ୟୁକ୍ରେନ୍‌ର



ସହଯୋଗୀ ରାଷ୍ଟ୍ରମାନଙ୍କଠାରୁ ଏବେ ଅସ୍ତ୍ର ଆସିବା ଆରମ୍ଭ କରିଛି। ଯୁଦ୍ଧ ବିରୋଧୀ ମେଣ୍ଟ କାମ ଦେଉଛି ବୋଲି ଜେଲେନସ୍କି ଟ୍ୱିଟ୍ କରି କହିଛନ୍ତି। ବ୍ରିଟେନ୍ ସମେତ ୨୭ଟି ରାଷ୍ଟ୍ର ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ସହାୟତା ପଠାଇବାପାଇଁ ରାଜି ହୋଇଛନ୍ତି ବୋଲି ରାଷ୍ଟ୍ରପତି ସୂଚନା ଦେଇଛନ୍ତି। ୟୁକ୍ରେନ୍‌କୁ ଅସ୍ତ୍ର ପଠାଇବାପାଇଁ ପୂର୍ବରୁ ଯେଉଁ ରାଷ୍ଟ୍ରମାନେ ମନା କରୁଥିଲେ ସେମାନେ ଏବେ ଅସ୍ତ୍ର ପଠାଇବାକୁ ରାଜି ହୋଇଛନ୍ତି ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଦିନରେ ବି ବିଜେଡି ଖୁବ୍ ଆଗରେ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ରାଜ୍ୟରେ ସମ୍ପନ୍ନ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ମତଗଣନା ରବିବାର ଦିନ ଦ୍ୱିତୀୟ ଦିନ ମଧ୍ୟ ଜାରୀ ରହିଛି । ଦ୍ୱିତୀୟ ଦିନ ଖବର ଲେଖା ଯିବା ବେଳକୁ ୨୦୫ ଟି ଆସନର ଟ୍ରେଂଡ ଜଣା ପଡିଥିଲା ବେଳେ ବିଜେଡି ପ୍ରାର୍ଥୀ ମାନେ ମୋଟ ୨୬୭ ଟି ଆସନରେ ଆଗୁଆ ରହିଛନ୍ତି। ସେହିପରି ବିଜେପି ୧୯ଟି ତଥା କଂଗ୍ରେସ ୧୬ଟି ଆସନରେ ଆଗୁଆ ରହିଛି। ଅନ୍ୟାନ୍ୟ ୩ଟି ଆସନରେ ଆଗୁଆ ଥିବା ଜଣା ପଡିଛି । ରାଜ୍ୟ ନିର୍ବାଚନ କମିଶନଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ଆଜି ମଧ୍ୟରୁ ୮ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି। ୭ଟି ଆସନରେ ବିଜେଡି ଆଗୁଆ ରହିଥିବା ବେଳେ ବିଜେପି



ଗୋଟିଏ ଆସନରେ ଆଗୁଆ ରହିଛି। ବୌଦ୍ଧ ଜିଲ୍ଲାର ୩ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଗୋଟିଏ ଆସନରେ ବିଜେପି ଆଗୁଆ ରହିଛି। ବଲାଙ୍ଗୀର ଜିଲ୍ଲାର ମୋଟ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୪ ଆସନରେ ବିଜେପି ଆଗୁଆ ରହିଛି । କଂଗ୍ରେସ ଗୋଟିଏ ସିଟରେ ଆଗୁଆ ରହିଛି । ବରଗଡ ଜିଲ୍ଲାର ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୩ ଆସନରେ ବିଜେପି ଆଗୁଆ ରହିଛି । ବାଲେଶ୍ୱର ଜିଲ୍ଲାର ମୋଟ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ଓ କଂଗ୍ରେସ ୧୧ ଆସନରେ ଆଗୁଆ ଅଛନ୍ତି । ଭଦ୍ରକ ଜିଲ୍ଲାର ୯ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୯ଟି ଆସନରେ ବିଜେଡି ଆଗୁଆ ରହିଥିବା ଜଣା ପଡିଛି । କଟକ ଜିଲ୍ଲାର ମୋଟ ୧୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି। ଏଥି ମଧ୍ୟରୁ ସମସ୍ତ ୧୫ଟି ଆସନରେ ବିଜେଡି ଆଗୁଆ ରହିଛି । ଦେବଗଡ ଜିଲ୍ଲାର ମୋଟ ୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ▶▶ପୃଷ୍ଠା ୭

# ଯୁଦ୍ଧ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ, ୨୭/୦୨ : ୟୁକ୍ରେନ-ରୁଷିଆ ଯୁଦ୍ଧ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଏଥିରେ ଅପରେସନ ଗଙ୍ଗା ଅଭିଯାନ ଜରିଆରେ ୟୁକ୍ରେନରେ ଫସିଥିବା ନାଗରିକଙ୍କ ଉଦ୍ଧାର ଉପରେ ଚର୍ଚ୍ଚା ହୋଇଛି । ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ବିଦେଶ ମନ୍ତ୍ରାଳୟ ସଚିବ ହର୍ଷବର୍ଦ୍ଧନ ଶୃଙ୍ଗଳା ଓ ଅନ୍ୟ ଉଚ୍ଚ ଅଧିକାରୀ । ବର୍ତମାନ ସୁଦ୍ଧା ୟୁକ୍ରେନରୁ ୨ ହଜାର ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ୟୁକ୍ରେନ ଆକାଶ ପଥ ସିଲ ହୋଇଥିବାରୁ ପଡୋଶୀ ଦେଶ ସହ ଆଲୋଚନା



କରି ଭାରତ ସରକାର ଯୁଦ୍ଧକାଳୀନଭିତିରେ ଭାରତୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରୁଛନ୍ତି । ଯଦିଓ ରୁଷ ଓ ୟୁକ୍ରେନ ଏବେ ଆଲୋଚନା ଟେବୁଲକୁ ଆସିବା ପାଇଁ ସହମତି ଦେଇଛନ୍ତି, କିନ୍ତୁ ଯୁଦ୍ଧ ସ୍ଥିତିରେ କିଛି ପରିବର୍ତନ ହୋଇନାହିଁ । ତେଣୁ ଯେତେ ଶୀଘ୍ର ହୋଇପାରିବ, ସେତେ ଶୀଘ୍ର ୟୁକ୍ରେନରେ ଫସିଥିବା ଭାରତୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ▶▶ପୃଷ୍ଠା ୭

# ଭାରତୀୟଙ୍କ ପାଇଁ ଆମେରିକା ସରକାରଙ୍କ ବଡ ନିଷ୍ପତ୍ତି : ଏଥର ଭିସା ମିଳିବା ହେବ ସହଜ

ନୂଆଦିଲ୍ଲୀ, ୨୭/୦୨ : ଭାରତୀୟଙ୍କ ପାଇଁ ଆଶ୍ୱସ୍ତିକର ଖବର । ଏଥର ଆମେରିକା ପାଇଁ ସହଜ ହେବ ଭିସା ପାଇବା ପ୍ରକ୍ରିୟା । କାରଣ ଏଣିକି ଆଉ ଭିସା ପାଇଁ ଦେବାକୁ ପଡିବନି ବ୍ୟକ୍ତିଗତ ସାକ୍ଷାତକାର । ଆମେରିକାର ଜନୈକ ବରିଷ୍ଠ ନେତା ଏହି ସୂଚନା ଦେଇଛନ୍ତି । ଏହି ନିୟମ ଛାତ୍ର(ଏଫ୍, ଏମ୍, ଏକାଡେମିକ୍ ଭିସା) ଓ ବ୍ୟକ୍ତିଗତ ଏଲ ଭିସା ତଥା ସଂସ୍କୃତି ଓ ଅସାଧାରଣ ବ୍ୟକ୍ତିତ୍ୱଙ୍କ ପାଇଁ ଲାଗୁ ହେବ । ଭାରତୀୟଙ୍କୁ ଆମେରିକା ଠାରୁ ଏପରି ସହଯୋଗର ଆବଶ୍ୟକତା ଥିବା କହିଛନ୍ତି ଦକ୍ଷିଣ ଏସିଆ ସମୁଦାୟର ନେତା ତଥା ଏସୀୟ ଆମେରିକୀୟଙ୍କ ପାଇଁ ଆଡଭାଇଜର ଥିବା ଅଜୟ ଜୈନ୍




ଭଡୋରିୟା । ଏହାଦ୍ୱାରା କେବଳ ଛାତ୍ରମାନଙ୍କୁ ନୁହେଁ ବରଂ ଆମେରିକାରେ ରହୁଥିବା ଭାରତୀୟ ବନ୍ଧୁ ପରିଜନଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି । ଦିଲ୍ଲୀରେ ଆମେରିକା ଦୂତାବାସ ୱେବସାଇଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ, ଆମେରିକା ଯିବା ପାଇଁ ଦିଲ୍ଲୀ ସମେତ ଚେନ୍ନାଇ, ହାଇଦ୍ରାବାଦ, କୋଲକାତା ତଥା ମୁମ୍ବାଇରେ ଅବସ୍ଥାପିତ ଆମେରିକୀୟ ବାଣିଜ୍ୟିକ ଦୂତାବାସରେ ବ୍ୟକ୍ତିଗତ ସାକ୍ଷାତକାର କରାଯାଉଥିଲା । ହେଲେ ଏବେ ଏହାକୁ ବାଦ ଦିଆଯିବ ବୋଲି ସୂଚନା ରହିଛି ।

## ଏଭଳି ଟ୍ରେଣ୍ଡ ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ : ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ପଂଚାୟତ ନିର୍ବାଚନରେ ବିଜେପିର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏମିତି କଟାକ୍ଷ କରିଛନ୍ତି ସାଂସଦ ପ୍ରତାପ ଷଡ଼ଙ୍ଗୀ । ଜନାଦେଶକୁ ସ୍ୱାଗତ କରିଥିଲେ ବି ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଛନ୍ତି । ଜବାବ ରଖି ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ବିରୋଧୀ ସେମାନଙ୍କ ଭୁଲ ବୁଝିବା ଦରକାର । ଦୋଷ ଦେଲେ ଚଳିବନି । ପୂର୍ବରୁ ପଶ୍ଚିମ,ଉପକୂଳରୁ ଉପାନ୍ତ ସବୁଠି ବିଜେଡି ଭଲ ପ୍ରଦର୍ଶନ କରୁଥିବାବେଳେ, ଆଗକୁ କଣ କରିବ ବିଜେପି ଏନେଇ ପ୍ରତିକ୍ରିୟା ରଖିଛନ୍ତି ପ୍ରତାପ ଷଡ଼ଙ୍ଗୀ । ଜବାବରେ ବିଜେଡି ବିଧାୟକ



କହିଛନ୍ତି , ନିର୍ବାଚନରେ ବିଜ୍ଞାନକୁ ପ୍ରୟୋଗ କରିଛି ବିଜେଡି । ଏବଂ ଲୋକାଭିମୁଖୀ କାର୍ଯ୍ୟ ପାଇଁ ବିଜୟୀ ହୋଇଛି ଶାସକ ଦଳ । ସେହିପରି ଗଣତାନ୍ତ୍ରୀକ ପଦ୍ଧତିରେ ରାଜ୍ୟରେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଲୋକମାନେ ଭୋଟ ଦେଇଥିବା ନରସିଂହ ମିଶ୍ର କହିବା ପ୍ରସଙ୍ଗରେ ଜବାବ ରଖିଛନ୍ତି ବିଜେଡି ବିଧାୟକ । ଯାହା ଅଭିଯୋଗ କଲେ ବି ନିର୍ବାଚନ ଫଳାଫଳ ଆସିବା ପରେ ପ୍ରଦର୍ଶନକୁ ନେଇ ବିରୋଧୀ ତର୍ଜମା କରିବାର ଆବଶ୍ୟକତା ରହିଛି ।

## ପୂର୍ବତନ କ୍ରିକେଟର୍ ବିନୋଦ କାମ୍ବଲୀ ଗିରଫ

ମୁମ୍ବାଇ, ୨୭/୦୨ (ନି.ପ୍ର): ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର୍ ବିନୋଦ କାମ୍ବଲୀଙ୍କୁ ମୁମ୍ବାଇ ପୁଲିସ୍ ରବିବାର ଗିରଫ କରିଛି। କାମ୍ବଲୀ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ସହ ନିଜ ସୋସାଇଟିର ଗେଟକୁ ଧକ୍କା ଦେଇଛନ୍ତି। ଯାହା ପରେ ପୁଲିସ୍ ଆକ୍ସନ୍ ନେଇଥିଲା ଏବଂ ବାନ୍ଦ୍ରାସ୍ଥିତ ତାଙ୍କ ଘରୁ ତାଙ୍କୁ ଗିରଫ କରିଥିଲା। ତେବେ ପରେ କାମ୍ବଲୀଙ୍କୁ ଜାମିନ୍ ମିଳିଯାଇଛି। ସୂଚନା ଅନୁସାରେ, ୫୦ ବର୍ଷୀୟ କାମ୍ବଲୀ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ଗାଡ଼ି ଚଳାଇବା ସମୟରେ ନିଜ ସୋସାଇଟିର ଗେଟକୁ ଜୋରରେ ଧକ୍କା ଦେଇଥିଲେ। ଏ ନେଇ ସିକ୍ୟୁରିଟି ଗାର୍ଡ ତାଙ୍କୁ ପଚାରିଥିଲେ। ଯାହା ପରେ କାମ୍ବଲୀ ସୋସାଇଟିର ସିକ୍ୟୁରିଟି ଗାର୍ଡଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ତାଙ୍କ ବିରୋଧରେ ଅଭିଯୋଗ ଦାୟର କରିଥିଲେ। ଅଭିଯୋଗ ଅନୁସାରେ କାମ୍ବଲୀ ନିଶାଶକ୍ତ ଅବସ୍ଥାରେ ଗେଟ୍‌କୁ ଧକ୍କା ମାରିଥିଲେ। ଏହା ପରେ ବାନ୍ଦ୍ରା ପୁଲିସ୍ କାମ୍ବଲୀଙ୍କୁ ଗିରଫ କରିଥିଲା। କିଛି ଦିନ ତଳେ କାମ୍ବଲୀ ▶▶ପୃଷ୍ଠା ୭

# ଆଜିଠୁ ଖୋଲିବ ପ୍ରାଥମିକ ସ୍କୁଲ

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ଆସନ୍ତାକାଲି (ସୋମବାର)ଠାରୁ ଖୋଲିବ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ। ଏଥିସହ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ କ୍ଲାସରୁମ ପାଠପଢା ମଧ୍ୟ ଆରମ୍ଭ ହେବ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶ୍ରୀ ଦାଶ କହିଛନ୍ତି ଯେ ସ୍କୁଲ ଖୋଲିବା ନେଇ ଗତ ୨୫ ତାରିଖରେ ବିଭାଗର ସମୀକ୍ଷା ବୈଠକ ନିଆଯାଇଥିଲା। ଆସନ୍ତାକାଲି ଠାରୁ ପ୍ରଥମ ରୁ ସପ୍ତମ କ୍ଲାସ ଖୋଲିବ। ସ୍କୁଲ ଖୋଲିଲେ ମଧ ପ୍ରଥମ ସପ୍ତାହରେ କେବଳ ବିଭିନ୍ନ ଆକ୍ଟିଭିଟି କରାଯିବ, ପାଠ ପଢ଼ାଯିବ ନାହିଁ। ଏହାସହ ପ୍ରଥମରୁ ପଂଚମ ଛାତ୍ରଛାତ୍ରୀ ପ୍ରାୟ ଦୁଇ ବର୍ଷ ହେବ ଶ୍ରେଣୀ ଶିକ୍ଷା ଗ୍ରହଣ କରି ନାହାନ୍ତି। ଏଥିପାଇଁ ସ୍ୱତନ୍ତ୍ର ପୁସ୍ତିକା ପ୍ରକାଶ କରାଯାଇ ପିଲାଙ୍କ କୋର୍ସରେ ସାମିଲ ହେବ। ଫଳରେ ଦୁଇ ବର୍ଷ ହେବ ଶ୍ରେଣୀ ପାଠପଢ଼ା ଦୂରରେ ଥିବା ପିଲାମାନେ ପଛେଇ ଯିବେ ନାହିଁ। ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀମାନେ ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି। ନିର୍ବାଚନ ହୋଇଥିବାରୁ ସ୍କୁଲ କ୍ୟାମ୍ପସକୁ ବିଶୋଧନ କରାଯାଇଛି। ପିଲାଙ୍କ ଉପସ୍ଥାନ ଯେପରି ବଢ଼ିବ ସେଥିପାଇଁ ଅଭିଭାବକଙ୍କ ସହ ବୈଠକ କରାଯାଇଛି। ପିଲାଙ୍କ ସୁରକ୍ଷା ଆମର ପ୍ରଥମ କର୍ତବ୍ୟ ରହିବ। ଦଶମ ଓ ଦ୍ୱାଦଶ ପରୀକ୍ଷା ନେଇ ସେ କହିଛନ୍ତି ଯେ ଇତି ମଧ୍ୟରେ ଉଭୟ ପରୀକ୍ଷା ନେଇ ସମୀକ୍ଷା କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଦୁଇ ବୋର୍ଡ଼ ରିପୋର୍ଟ ଆଧାରରେ ପରୀକ୍ଷା ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି।

# ଦ୍ୱିତୀୟ ଦିନରେ ୧୪ ଟି ଜୋନରେ ଭୋଟ ଗଣତି ଜାରି

ବାଲେଶ୍ୱର,୨୭/୦୨ (ନି.ପ୍ର): ଦ୍ୱିତୀୟ ଦିନରେ ଚଳିତ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ପ୍ରକ୍ରିୟା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ଭଳି ବାଲେଶ୍ୱର ଜିଲାର ୧୨ବ୍ଲକରେ ସକାଳ ୮ଟାରୁ ୧୨ ଗୋଟି କେନ୍ଦ୍ରରେ ମୋଟ ୧୪ ଗୋଟି ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ପଞ୍ଚାୟତର ଭୋଟ ଗଣତି ଏବେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ବ୍ଲକର ୨୬ ଓ ୨୭ ନଂ ଜୋନ ଅନ୍ତର୍ଗତ ମୋଟ ୧୫ ଗୋଟି ଗ୍ରାମ ପଞ୍ଚାୟତର ଭୋଟ ଗଣତି ସ୍ଥାନୀୟ ସରକାରୀ ଆଇଟିଆଇ ପରିସରରେ ହେଉଛି। ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ଟେବୁଲ ବ୍ୟବସ୍ଥା ହୋଇଛି। ବ୍ଲକ ନିର୍ବାଚନ ଅଧିକାରୀ ସଦର ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଗୋଟି ଟେବୁଲରେ ଗଣତି ପ୍ରକ୍ରିୟା ଚାଲିଛି। ପ୍ରତି ଟେବୁଲରେ ଜଣେ ସୁପରଭାଇଜର ଓ ୩ ଜଣ ସହାୟକ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ପ୍ରତି ପଞ୍ଚାୟତର ବୁଥୱାରୀ ବ୍ୟାଲଟ ବାକ୍ସ ପ୍ରାର୍ଥୀଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟଙ୍କ ଉପସ୍ଥିତିରେ ଖୋଲାଯାଇ ସମସ୍ତ ବ୍ୟାଲଟ କାଗଜ ଗୋଟିଏ ବଡ଼ ପ୍ଲାଷ୍ଟିକ ପାତ୍ରରେ ରଖାଯାଇ ୱାର୍ଡ଼ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ବ୍ୟାଲଟ କାଗଜ ପୃଥକ କରାଯାଉଛି। ପରେ ୱାର୍ଡ଼ ସଭ୍ୟଙ୍କ ବ୍ୟାଲଟ କାଗଜରୁ ଗଣତି ଆରମ୍ଭ ହେଉଛି। ତେବେ ଭୋଟ ଗଣତି କେନ୍ଦ୍ରର ବାହାରେ ପ୍ରତ୍ୟେକ ବର୍ଗର ପ୍ରାର୍ଥୀଙ୍କ ସହଯୋଗୀ, ସମର୍ଥକ ଓ ଦଳୀୟ କର୍ମୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ୧୫ ଗୋଟି ପଞ୍ଚାୟତରୁ ହଜାର ହଜାର ଲୋକେ ଆଇଟିଆଇ ମୁଖ୍ୟ ଫାଟକ ସମ୍ମୁଖରେ ନିଜ ନିଜର ଇପ୍ସିତ ପ୍ରାର୍ଥୀଙ୍କ ବିଜୟ ଫଳାଫଳ ଆଶାରେ ଅପେକ୍ଷା କରିଛନ୍ତି। ପ୍ରତି ରାଉଣ୍ଡରେ ଘୋଷଣା କରାଯାଉଥିବା ଫଳକୁ ନେଇ କେତେକ ଖୁସୀରେ ଚିତ୍କାର କରୁଥିବା ବେଳେ ତ କିଛି ସମର୍ଥକ ଚିନ୍ତାରେ ପଡ଼ିଯାଉଛନ୍ତି। ପୁଣି ପରବର୍ତ୍ତୀ ରାଉଣ୍ଡର ଫଳ ଘୋଷଣାକୁ ଅପେକ୍ଷା କରୁଛନ୍ତି। କଡ଼ା ନିରାପତ୍ତା ବଳୟରେ ଏହି ଗଣତି କାର୍ଯ୍ୟ ଜାରି ରହିଛି। ଗଣତି କେନ୍ଦ୍ର ଭିତରେ ଓ ବାହାରେ ବ୍ୟାପକ ପୁଲିସ ନିୟୋଜିତ କରାଯାଇଛି। ଓଟିରୋଡ଼ରେ ହଜାର ହଜାର ଲୋକେ ରୁଣ୍ଡ ହେବା ଫଳରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନାରେ ସାମାନ୍ୟ ବ୍ୟାଘାତ ହେଉଥିଲେ ବି ଲୋକଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରହିଥିବା ଲକ୍ଷ୍ୟ କରାଯାଇଛି। ତେବେ ପ୍ରଥମ ଦିନରେ ୧୩ ଗୋଟି ଜୋନରୁ ୩ ଗୋଟି ବିଜେପି ଓ ବାକି ୧୧ ଗୋଟି ଜିଲା ପରିଷଦ ସଦସ୍ୟ ପଦରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ତେବେ ଦ୍ୱିତୀୟ ଦିନରେ ଆଜି ୨୬ ଓ ୨୭ ନଂ ସମେତ ଅଧିକାଂଶ ଜୋନରେ ବିଜେଡି ଆଗୁଆ ଥିବା ଲକ୍ଷ୍ୟ କରାଯାଇଛି।

# କୋସଲୀ ଭାଷା ହିଁ କୋସଲାଚଂଳର ଭାବଗତ ପରିଚିତି : ପ୍ରୟାଗଦତ ଯୋଶୀଙ୍କ ୧୦୯ ତମ ଜୟନ୍ତୀ

ବଲାଙ୍ଗୀର,୨୭/୨ (ନି.ପ୍ର): କୋସଲୀ ଭାଷା ହିଁ ସମଗ୍ର କୋସଲାଚଂଳର ଭାବଗତ ସାମୂହିକ ପରିଚିତି । ଦୀର୍ଘ ଗବେଷଣା ଓ ସାଧନା ପରେ ଏହାକୁ ସର୍ବସ୍ୱୀକୃତ କରିବାରେ ପଣ୍ଡିତ ପ୍ରୟାଗଦତ ଯୋଷୀଙ୍କ ଅବଦାନ ଉଲ୍ଲେଖନୀୟ । ବାସ୍ତବରେ ସ୍ୱର୍ଗତ ଯୋଷୀ କୋସଲାଚଂଳର ସ୍ୱାଭିମାନର ଅସଲ ପ୍ରତୀକ ବୋଲି ବକ୍ତାମାନେ ସ୍ଥାନୀୟ ଯାଦବ ଭବନ ଠାରେ ଅନୁଷ୍ଠିତ ପଣ୍ଡିତ ପ୍ରୟାଗଦତ ଯୋଷୀଙ୍କ ୧୦୯ ତମ ଜୟନ୍ତୀ ସଭାରେ କହିଛନ୍ତି । ସାମ୍ବାଦିକ ବିଭୁ କଲ୍ୟାଣ ଗଡତ୍ୟାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅତିଥି ତଥା ବକ୍ତା ଭାବରେ କୋସଲବାଦୀ ନେତା ତଥା ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା, ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଓ ଟିଟିଲାଗଡ ଡିଏଭି କଲେଜର ଅଧାପକ ଜୟଦେବ କର ମଂଚାସୀନ ହୋଇଥିଲେ । ପଣ୍ଡିତ୍ ଯୋଶୀ ଦୀର୍ଘ ଗବେଷଣା ପରେ ଏ ଅଂଚଳର ଭାଷାଗତ ଐକ୍ୟବଦ୍ଧତା ନେଇ କୋଶଲୀ ଭାଷାର ଯାଥାର୍ଥ ନାମକରଣ କରିଥିଲେ । ତାଙ୍କ ଜନ୍ମ ଦିନକୁ କୋସଲାଚଂଳରେ କୋସଲି ସ୍ୱାଭିମାନ ଦିବସ ଭାବେ ମଧ ପାଳନ କରାଯାଇ ଆସୁଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ କୌତୁକ ପନ୍ଦର, ଜଗନ୍ନାଥ ସାହୁ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଝାଙ୍କର, ମୀନକେତନ ମାଝୀ, ଚାଷୀ ନେତା ଅରୁଣ ମିଶ୍ର, ସୁରୁଲାଲ ମଟାରୀ, ସୁନୀଲ ମହାନ୍ତି, ଯୁଜେଷ୍ଟି ମେହେର, ସଞ୍ଜୟ ମିଶ୍ର, ପ୍ରଶାନ୍ତ ମହାକୁର, ଅଶୋକ ନନ୍ଦ, ବିନୋଦ କାଲସାଏ, ଜୟଦେବ ଜାଲଙ୍କ ସମେତ ବଲାଙ୍ଗିର ସହରର ବୁଦ୍ଧିଜୀବୀ, କୋଶଲୀ ଭାଷାପ୍ରେମୀ ତଥା ବିଭିନ୍ନ କଲେଜ ଛାତ୍ରମାନେ ଉପସ୍ଥିତ ଥିଲେ । ଶେଷରେ ସାମାଜିକ କର୍ମୀ ରଞ୍ଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯାଜପୁର, କେନ୍ଦୁଝରରେ ବିଜେଡିର ଦବ୍‌ଦବା

ଯାଜପୁର/କେନ୍ଦୁଝର ,୨୭/୨ (ନି.ପ୍ର): ଯାଜପୁର ଜିଲ୍ଲାର ଆଜି ଗଣତି ହେଉଥିବା ସମସ୍ତ ୧୦ ଟି ଜିଲ୍ଲାପରିଷଦ ଆସନରେ ବିଜେଡି ପ୍ରାର୍ଥୀମାନେ ଆଗୁଆ ଅଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲାର ୧୩ଟି ଜୋନ୍ ମଧ୍ୟରୁ ୧୨ଟିରେ ବିଜେଡି ଓ ଗୋଟିଏରେ ବିଜେପି ପ୍ରାର୍ଥୀ ଆଗୁଆ ଅଛନ୍ତି । ଯାଜପୁରରେ ବିଜେପି ଖାତା ଖୋଲି ନପାରିବା ଯୋଗୁଁ ଦଳର ଜିଲ୍ଲା ସଭାପତି ଗୌତମ ରାୟଙ୍କୁ ଝଟ୍‌କା ଲାଗିଛି । କେନ୍ଦୁଝର ଜିଲ୍ଲାର କେବଳ ତେଲକୋଇ ବ୍ଲକ୍ ୧୯ ନମ୍ବର ଜୋନ୍‌ରେ ବିଜେପି ପ୍ରାର୍ଥୀ ଆଗରେ ଅଛନ୍ତି । ଏଠାରେ ବିଜେପି ପ୍ରାର୍ଥୀ ଛଇଳବାଳା ନାୟକ ୧୩୩୧ ଖଣ୍ଡ ଭୋଟରେ ଆଗରେ ଅଛନ୍ତି । ଅନ୍ୟସବୁ ଆସନରେ ବିଜେପି ପଛରେ ପଡିଯାଇଛି ।

ଶନିବାର ଦିନ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍‌ର ୧୦ଟି ଜୋନ୍‌ରେ ଭୋଟଗଣତି ହୋଇଛି । ଯାଜପୁର ୨୯ ନମ୍ବର ଜୋନ୍‌ରେ ବିଜେଡିର ପ୍ରେମାନନ୍ଦ ଜେନା ଆଗରେ ରହିଥିଲେ ବେଳେ ଦଶରଥପୁର ୪ନମ୍ବର ଜୋନ୍‌ରେ ବିଜେଡିର ପାର୍ଥସାରଥି ମହାପାତ୍ର ଆଗୁଆ ଅଛନ୍ତି । ସୁକିନ୍ଦା ବ୍ଲକ ୩୭ ନମ୍ବର ଜୋନ୍‌ରେ ବିଜେଡିର ଜେମା ଚାଖି,କୋରେଇ ୧ ନମ୍ବର ଜୋନ୍‌ରେ ବିଜେଡିର ସସ୍ମିତା ତରାଇ , ବିଂଝାରପୁର ୨୫ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ଅହଲ୍ୟା ସ୍ୱାଇଁ , ବରୀ ୨୧ ନମ୍ବର ଜୋନ୍‌ରେ ବିଜେଡିର ଅଶୋକ କୁମାର ସାମଲ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗରେ ରହିଛନ୍ତି । ରସୁଲପୁର ୩୩ ନମ୍ବର ଜୋନ୍‌ରେ ବିଜେଡିର ଶିଶିର କୁମାର ମହାନ୍ତି, ବଡ଼ଚଣା ୧୬ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ଯତୀନ୍ଦ୍ର ପ୍ରସାଦ ନାୟକ , ଦାନଗଦୀ ୮ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ସ୍ମୃତିରାଣୀ ରାଉତ , ଧର୍ମଶାଳା ୧୧ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ସୁଧାଂଶୁ ଭୂଷଣ ସାହୁ ଆଗୁଆ ଅଛନ୍ତି ।

ସେହିପରି କେନ୍ଦୁଝର ଜିଲ୍ଲା ମୋଟ ୧୩ଟି ଜିଲ୍ଲା ପରିଷଦ ଜୋନ୍‌ର ଫଳାଫଳ ଗଣତି ହୋଇଥିବା ବେଳେ ୧୨ଟି ଜୋନ୍‌ରେ ବିଜେଡି ଆଗୁଆ ଥିବାବେଳେ କେବଳ ତେଲକୋଇ ବ୍ଲକ୍‌ରେ ୧୯ ନମ୍ବର ଜୋନ୍‌ରେ ବିଜେପି ଆଗୁଆ ଅଛି ।

# ପୌର ନିର୍ବାଚନ ଦୌଡ଼ରେ ରଶ୍ମିରେଖା କର

କେନ୍ଦ୍ରାପଡ଼ା,୨୭/୨ (ନି.ପ୍ର): କେନ୍ଦ୍ରାପଡ଼ା ପୌର ନିର୍ବାଚନ ଦୌଡ଼ରେ ୨୧ ନଂ. ୱାର୍ଡର ଉଚ୍ଚ ଶିକ୍ଷିତା ମହିଳା ରଶ୍ମିରେଖା କରଙ୍କ ନାମ ଚର୍ଚ୍ଚା ହେଉଛି । ରଶ୍ମିରେଖା ହେଉଛନ୍ତି ବିଜେଡି ନେତା ରଘୁନନ୍ଦନ କରଙ୍କ ପତ୍ନୀ । ରଘୁନନ୍ଦନ ବିଜୁ ଜନତା ଦଳ ଆରମ୍ଭ ହେବା ଦିନରୁ ଦଳ ସହ ସଂପୃକ୍ତ ଅଛନ୍ତି । ୨୦୦୧ ମସିହାରେ ରଘୁନନ୍ଦନ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡିର ସଂଯୋଜକ ଥିଲେ । ରଘୁନନ୍ଦନ ବିଜୁ ଛାତ୍ର ଜନତାର ରାଜ୍ୟ ସାଧାରଣ ସମ୍ପାଦକ ଥିଲେ । ଏହାସହ ସେ ରାଜ୍ୟ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଥିଲେ । ୨୦୧୯ରେ ସେ କେନ୍ଦ୍ରାପଡ଼ାରୁ ବିଧାୟକ ହେବା ପାଇଁ ଅଗ୍ରହୀ ଥିଲେ । ହେଲେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ହୋଇଯିବା ପରେ ସେ ପାଟକୁରାରୁ ଆଶାୟୀ ଥିଲେ । ରଘୁନନ୍ଦନ ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ବିଜେଡି ପକ୍ଷରୁ ମନୋନୀତ ହୋଇଥିଲେ । ସେ କେନ୍ଦ୍ରାପଡ଼ା ନଗରପାଳ ପଦବୀ ପାଇଁ ଆଶାୟୀ ଥିଲେ । ହେଲେ ଏହା ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇଯିବା ପରେ ସେ ତାଙ୍କ ପତ୍ନୀଙ୍କୁ ଏହି ପଦବୀରେ ଛିଡା କରିବା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ରଶ୍ମିରେଖାଙ୍କୁ ପଚାରିବାରୁ ସେ କହିଲେ, ମୋ ସ୍ୱାମୀ ବିଜେଡିର ବିଭିନ୍ନ ପଦ ପଦବୀରେ ରହି ଲୋକ ମାନଙ୍କ ସେବା କରିଥିଲେ । ତେଣୁ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ରାଜନୀତିରେ ପାଦ ଦେବାକୁ ଆଗ୍ରହୀ ଅଛି । ବିଜୁ ବାବୁ ଓ ନବୀନ ବାବୁ ହେଉଛନ୍ତି ମୋର ଆଦର୍ଶ । ନବୀନ ବାବୁଙ୍କ ଲୋକପ୍ରିୟତା ରେ ଅନୁପ୍ରାଣିତ ହୋଇ ମୁଁ ରାଜନୀତିରେ ପାଦ ଦେବାକୁ ମନସ୍ଥ କରିଛି ବୋଲି ରଶ୍ମିରେଖା ଗଣମାଧ୍ୟମକୁ କହିଛନ୍ତି ।

# ଜିଲ୍ଲା ବାହାରକୁ ଚାଲାଣ ବେଳେ ଅବକାରୀ ଚଢାଉ

## ଏକ କ୍ୱିଂଟାଲ ୨୫ କିଗ୍ରା ଗଞ୍ଜେଇ ଜବତ ୩ ଗିରଫ, ଗଣମାଧ୍ୟମକୁ ସୂଚନା ଦେଉନି ବିଭାଗ

କନ୍ଧମାଳ,୨୭/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଫୁଲବାଣୀ ଗୁଦାରୀ ଠାରେ ଏକ ବୋଲେରୋରୁ ବାହାରକୁ ଚାଲାଣ ବେଳେ ଖବର ପାଇ ଚଢାଉ କରିବା ସହିତ ଏକ କ୍ୱିଂଟାଲ ୨୫ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ସଂକ୍ରାନ୍ତରେ ୩ ଜଣଙ୍କୁ ଗିରଫ ମଧ୍ୟ କରିଛି ବିଭାଗ । ସୂଚନା ଅନୁସାରେ ଆଜି ସକାଳେ ଫିରିଙ୍ଗିଆ ଅଂଚଳରୁ ଫୁଲବାଣୀ ବାଟ ଦେଇ ଭୁବନେଶ୍ୱରକୁ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଫୁଲବାଣୀର ଗୁଦାରୀ ନିକଟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଛକ ଠାରେ ଏହି ବୋଲେରୋ (ଓ.ଡି-୧୨-୨୪୬୭) ଗାଡିକୁ ଅଟକାଇ ଚଢାଉ କରିଥିଲା । ଚଢାଉ ପରେ ସେଥିରୁ ଛୋଟଛୋଟ ପ୍ୟାକେଟରେ ଥିବା ଏକ କ୍ୱିଂଟାଲ ୨୫ କିଗ୍ରା ଗଞ୍ଜେଇ ଜବତ କରିଥିଲା । ଏହି ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ଗାଡିର ଡ୍ରାଇଭର, ବାଲିଗୁଡା ଥାନା ଅନ୍ତର୍ଗତ ଭଗମୁଣ୍ଡା ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ(୨୪), ଫିରିଙ୍ଗିଆ ନାହାଣଗାଁର ରଞ୍ଜନ ଦିଗାଲ(୩୬) ଏବଂ ଫିରିଙ୍ଗିଆ ଥାନା ଅନ୍ତର୍ଗତ ବବଡିଙ୍ଗିଆର ବେଙ୍ଗେରିପଦର ଗାଁର ଶରତ କହଁର(୨୪) ସମେତ ୩ ଜଣଙ୍କୁ ଗିରଫ କରିଛି ବିଭାଗ । ଏହି ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇଛି କି ନାହିଁ ତାହା ବିଭାଗ ସୂତ୍ରରୁ ଜଣାପଡିନାହିଁ । ବିଭାଗ ସୂତ୍ରରୁ ଜଣାପଡିନାହିଁ । କର୍ମଚାରୀ ମାନଙ୍କୁ ଏହି ସଂକ୍ରାନ୍ତରେ ପଚାରିଲେ ମଧ୍ୟ କୌଣସି ସଠିକ ତଥ୍ୟ ମିଳିପାରୁନାହିଁ । ସୂଚନା ଯୋଗ୍ୟ କିଛି ଦିନ ପୁର୍ବେ ବିଭାଗ ତରଫରୁ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ଘରର ଛାତ ଉପରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ଛାତରୁ ପଡି ମୃତ୍ୟୁ ବରଣ କରିଥିଲେ । ସସେହି ବାବଦରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା । ପରେ ମୃତକଙ୍କ ପରିବାରକୁ ଅଣ ଆନୁଷ୍ଠାନିକ ଭାବରେ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ କରାଯାଇଥିଲା ଏହି ବିଷୟ ଫୁଲବାଣୀରେ ବେଶ୍ ଚର୍ଚ୍ଚିତ ହୋଇଥିଲା । ଅବକାରୀ ବିଭାଗ ଜିଲ୍ଲାରେ ଏହିଭଳି ଅନେକ ଅଭିଯାନ ଏବଂ ଚଢାଉ ବାବଦରେ ଗଣମାଧ୍ୟମକୁ ସୁଚନା ଦେଉ ନ ଥିବାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଅନେକ ଅସୁବିଧା ହେଉଥିବା ଜଣାପଡିଛି ।

# ବାଲ୍ୟ ବିବାହକୁ ବନ୍ଦ କଲା ପ୍ରଶାସନ

ବଲାଙ୍ଗିର ,୨୭/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଦର୍ ଉପଖଣ୍ଡ ତୁଷୁରା ଥାନା ଅନ୍ତର୍ଗତ କୁନ୍ଦେମାଲ ଗାଁରେ ପ୍ରଶାସନ ଏକ ବାଲ୍ୟବିବାହ ବନ୍ଦ କରିଛି । ସୂଚନା ଅନୁସାରେ କୁନ୍ଦେମାଲ ଗାଁର କ୍ଷମାନିଧି ବକୁଲଙ୍କ ନାବାଳିକା ଝିଅର ଦେଓଗାଁ ବ୍ଲକ୍ ଜରାସିଂହା ନିକଟସ୍ଥ ଜମାଦାର ପାଲି ଗାଁର ଶ୍ୟାମଘନ ବାଗ୍ ଙ୍କ ପୁଅ ସହିତ ବାହାଘର ସ୍ଥିର ହୋଇଥିଲା । ଉକ୍ତ ଝିଅର ବୟସ ୧୮ ବର୍ଷରୁ କମ୍ ଥିବାରୁ ଚାଇଲ୍ଡ ଲାଇନ କର୍ମୀ ଓ ପୋଲିସ ଆସି ବାହାଘର ବନ୍ଦ କରିଥିବା ଜଣାପଡ଼ିଛି । ତୁଷୁରା ପୋଲିସ ଏସ୍ଆଇ ଜ୍ୟୋତିରାଣୀ ମହାନନ୍ଦ ଦେଓଗାଁ ଚାଇଲ୍ଡ ଲାଇନ କର୍ମୀ ତପିବର ଭୋଇ, ନୀଳାମ୍ବର ମହାନ୍ତି, ଦେଓଗାଁ ବାଲ୍ୟବିବାହ ନିରୋଧ ଅଧିକାରିଣୀ ସୁକାନ୍ତି ବେହେରା ସୁପରଭାଇଜର୍ ଭୂମିସୁତା ମହାନନ୍ଦ, ଅଙ୍ଗନୱାଡି କର୍ମୀ ବବିତାଞ୍ଜଳି ବିଶ୍ୱାଳ ପ୍ରମୁଖ ଝିଅର ଘରକୁ ଯାଇ ବୁଝାସୁଝା କରିଥିଲେ । ଉଭୟ କନ୍ୟା ଓ ବର ପକ୍ଷ ଝିଅକୁ ୧୮ ବର୍ଷ ପରେ ବିବାହ କରାଇବାକୁ ରାଜି ହୋଇଥିଲେ ।

# ପୁରୀକୁ ମହାନଗର ନିଗମ ଘୋଷଣା ପାଇଁ ଦାବି : ବିଶ୍ୱ ଐତିହ୍ୟ ଦୃଷ୍ଟିରୁ ମହାନଗର କରାଯାଉ

ପୁରୀ,୨୭/୨ (ନି.ପ୍ର): ଓଡ଼ିଶାର ପୁରୀ ପୌର ନିର୍ବାଚନ ହାଇକୋର୍ଟରେ ମାମଲା ଯୋଗୁଁ ସ୍ଥଗିତ ରହିଛି । ପୁରୀକୁ ବିଶ୍ୱ ଐତିହ୍ୟ ଦୃଷ୍ଟି କୋଣରୁ ମହାନଗର ଘୋଷଣା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଓଡ଼ିଶାର ପୁରାତନ ମ୍ୟୁନସିପାଲିଟି ଭାବେ ୧୮୮୧ ମସିହାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକରି ଆସୁଅଛି । ବେଙ୍ଗଲ ମ୍ୟୁନିସ୍‌ପାଲ ଆକ୍ଟ ଅନୁଯାୟୀ ଏହା ଗଠିତ ହୋଇଥିଲା । ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହାକୁ ମହାନଗର ନିଗମ ଘୋଷଣା କରିବା ପାଇଁ ଏବେ ଦାବି ଯୋର ଧରିଛି । ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ନଗରୀ ଭାବେ ଗଢି ତୋଳିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ପ୍ରକଳ୍ପ ଭାବେ ପୁରୀରେ ଅନେକ ବିଶ୍ୱ ସ୍ତରୀୟ କାର୍ଯ୍ୟ କରାଯାଉଛି । ଲୋକସଂଖ୍ୟା ଦୃଷ୍ଟିରୁ ସହରରେ ୪ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବାବେଳେ ଐତିହ୍ୟ ଦୃଷ୍ଟିରୁ ଏହାକୁ ମହାନଗର କରାଗଲେ ତୀର୍ଥଯାତ୍ରୀଙ୍କ ମହା ସ୍ୱପ୍ନ ସାକାର ହୋଇପାରନ୍ତା ବୋଲି ଆଲୋଚନା ହେଉଛି । ପୁରୀ ପୌରାଞ୍ଚଳରେ ଏବେ ୩୨ଟି ୱାର୍ଡ଼ ରହିଛି । ଜନସଂଖ୍ୟା ଦୃଷ୍ଟିରୁ ସହର ପରି ସହର ତଳି ଅଞ୍ଚଳ ବିକଶିତ ହେବାରେ ଲାଗିଛି । ସମଙ୍ଗ ପଞ୍ଚାୟତ,ହରେକୃଷ୍ଣପୁର, ଗୋପୀନାଥପୁର, କାଶୀହରିପୁର, ବାଲିଗୁଆଳି,ବେଲଦଳ ପଞ୍ଚାୟତକୁ ସାମିଲ କରାଗଲେ ଏହା ଏକ ବୃହତ ମହାନଗର ପରିଣତ ହୁଅନ୍ତା ବୋଲି ସଚେତନ ନାଗରିକମାନେ କହିଛନ୍ତି । ପର୍ଯ୍ୟଟକଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଶ୍ରୀସେତୁ ନିର୍ମାଣ କାରାଯାଉଛି । ଯାହା ଦେଖିବାକୁ ମହୁରୀ ପରି । ସେହିପରି ସ୍ୱର୍ଗଦ୍ୱାରର ଉନ୍ନତିକରଣ କରାଯାଇଛି । ଶ୍ରୀମନ୍ଦିର ଚାରିପଟ ଭଙ୍ଗାଯାଇ ଐତିହ୍ୟ ଓ ସୁରକ୍ଷା କରିଡ଼ୋର ନିର୍ମାଣ କରାଯାଉଛି । ବିଶ୍ୱସ୍ତରୀୟ ବସଷ୍ଟାଣ୍ଡ ମାଳତୀପାଟପୁର ଠାରେ ଠିଆ ହୋଇଛି । ବିଶ୍ୱସ୍ତରୀୟ ଠାକୁର ଶ୍ରୀମନ୍ଦିରରେ ଶୋଭା ପାଉଛନ୍ତି । ସୂର୍ଣ୍ଣାଭ ବେଳାଭୂମି ମହୋଦଧି ଦର୍ଶନ ପାଇଁ ବିଶ୍ୱରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଆକର୍ଷିତ ହୋଇ ପୁରୀ ଆସୁଛନ୍ତି । ଏଣୁ ବିଶ୍ୱସ୍ତରୀୟ ସହରକୁ ମହାନଗର କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

# ଟିପିଏନ୍‌ଓଡିଏଲ୍ ତରଫରୁ ମାଇଁ ଟାଟା ପାୱାର ଆପ୍‌ର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୨୭/୨ (ନି.ପ୍ର): ବିଦ୍ୟୁତ ସମ୍ବନ୍ଧୀୟ ଅନେକ ପ୍ରସଙ୍ଗରେ ସରଳୀକୃତ ସମାଧାନ ପାଇଁ ଟିପିଏନ୍‌ଓଡିଏଲ୍ ତରଫରୁ ମାଇଁ ଟାଟା ପାୱାର ଆପ୍ ର ବ୍ୟବହାର ଉପଯୋଗୀ ସଚେତନତା କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସନ୍ତୋଷୀ ମହାବିଦ୍ୟାଳୟ, ରାଇସୁଆଁ ମହାବିଦ୍ୟାଳୟ ଏବଂ ଝୁମ୍ପୁରା ପଂଚାୟତ ସମିତି ମହାବିଦ୍ୟାଳୟର ବହୁ ମାତ୍ରାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଆପ୍ ମାଧ୍ୟମରେ ବିଦ୍ୟୁତ ଦେୟ ଫି ସହ ବିଲ୍ ସମ୍ବନ୍ଧୀୟ ତଥ୍ୟ, ନୂତନ ବିଜୁଳି ସଂଯୋଗ ଏବଂ ଅଭିଯୋଗକୁ ପଞ୍ଜିକୃତ କରି ତାର ସମାଧାନ କରିବାର ମାଧ୍ୟମ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କର ଉତ୍କଣ୍ଠା ଓ ପ୍ରତିବଦ୍ଧତା ଏହି କାର୍ଯ୍ୟକ୍ରମରେ ପରିଲକ୍ଷିତ ହୋଇଥିଲା । ଆଗାମୀ ଦିନରେ ଉପଭୋକ୍ତାଙ୍କର ହାତ ପାଆନ୍ତାରେ ସେବା ଯୋଗାଇ ଦେବା ଏବଂ ମାଇଁ ଟାଟା ପାୱାର ଆପ୍ ର ଉପାଦେୟତା ପହଂଚାଇବା ଏହି ସଚେତନତା କାର୍ଯ୍ୟକ୍ରମର ମୂଳମନ୍ତ୍ର ବୋଲି ଟିପିଏନ୍‌ଓଡିଏଲ୍ ତରଫରୁ କୁହାଯାଇଛି । ସ୍ଥାନୀୟ ଉପଖଣ୍ଡ ଅଧିକାରୀ ଚିରଞ୍ଜିତ ସାହୁଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମକୁ ଟିପିଏନ୍‌ଓଡିଏଲ୍ ର ମାନବ ସମ୍ବଳ ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ଓ ଚିତ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ ।

# ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ : ଭୁଜାଲି ଆକ୍ରମଣରେ ଦୋକାନୀ ମୃତ

ବାଂଶପାଳ,୨୭/୨ (ନି.ପ୍ର): ପୂର୍ବଶତ୍ରୁତାକୁ ନେଇ ତୁମୁଳକାଣ୍ଡ । ପ୍ରଥମେ ବଚସା ପରେ ଭୁଜାଲିରେ ସଂଘବଦ୍ଧ ହୋଇ ଆକ୍ରମଣ କଲେ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଅନ୍ତର୍ଗତ କାଦକଳା ଗ୍ରାମରେ । ଗତକାଲି ରାତିରେ କାଦକଳା ଗ୍ରାମର ମାୟାଧର ବେହେରା (୪୫) ନିଜ କୁକୁଡ଼ା ଦୋକାନରେ ବସିଥିବା ସମୟରେ ପଡ଼ୋଶୀ ଦୋକାନୀ ନବ କିଶୋର ମହାକୁଡ଼ଙ୍କ ସହିତ ତାଙ୍କର ବଚସା ହୋଇଥିଲା । ଏହି ଘଟଣା ପରେ ଉଗ୍ରରୂପ ନେଇଥିଲା । ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ଧସ୍ତାଧସ୍ତି ହୋଇଥିଲା । ପରେ ନବ କିଶୋରଙ୍କ ପୁଅ ଉତ୍ତମ ମହାକୁଡ଼ ଓ ଉପେନ୍ଦ୍ର ବେହେରା ଆସି ମାୟାଧର ବେହେରାଙ୍କୁ ଏକ ଭୁଜାଲିରେ ହାଣି ହତ୍ୟା କରିଥିଲେ । ଉଭୟ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଶତ୍ରୁତା ଲାଗି ରହିଥିଲା । ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି । ନୟାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଏହି ଘଟଣାରେ ପୁଲିସ ଉତ୍ତମ ମହାକୁଡ଼ ଓ ଉପେନ୍ଦ୍ର ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

# ୟୁକ୍ରେନରେ ରହୁଥିବା ବଲାଙ୍ଗିରର ମେଡିକାଲ ଛାତ୍ର ସୁରକ୍ଷିତ ପହଁଚିଲେ


ବଲାଙ୍ଗିର,୨୭/୨ (ନି.ପ୍ର): ୟୁକ୍ରେନ-ରୁଷ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ବେଳେ ପ୍ରିୟଜନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ପରିବାର ଲୋକେ । ସେଠିକାର ପରିସ୍ଥିତି ସଙ୍ଗିନ ଥିବା ନିକଟରେ ୟୁକ୍ରେନରୁ ଫେରିଥିବା ବଲାଙ୍ଗିରର ଛାତ୍ର ଜୟଶଙ୍କର ପଟେଲ କହିଛନ୍ତି । ୟୁକ୍ରେନରେ ଫସି ରହିଛନ୍ତି ବର୍ତମାନ ହଜାର ହଜାର ଭାରତୀୟ । ଯେଉଁ ମାନଙ୍କ ମଧ୍ୟରେ ରହିଛନ୍ତି ଭାରତର ଅନେକ ଛାତ୍ରଛାତ୍ରୀ ଓ ବ୍ୟବସାୟୀ । ତେବେ ନିକଟରେ ଭାରତୀୟ ଦୂତାବାସର ସହଯୋଗରେ ସେଠାରୁ ଫେରିଛନ୍ତି କିଛି ଛାତ୍ରଛାତ୍ରୀ । ଯେଉଁ ମାନଙ୍କ ମଧ୍ୟରେ ରହିଛନ୍ତି ବଲାଙ୍ଗିର ଟାଉନସ୍ଥିତ ରାଧାରାଣୀ ପଡାର ସୁଲତା ପଟେଲ ଓ ସିଦ୍ଧାର୍ଥୀ ପଟେଲଙ୍କ ପୁଅ ଜୟଶଙ୍କର ପଟେଲ ।

ଜୟଶଙ୍କର ୟୁକ୍ରେନର ଡେନିପ୍ରୋ ରାଜ୍ୟ ୟୁନିଭରସିଟିର ଏମବିବିଏସ ପଂଚମ ବର୍ଷ ଛାତ୍ର । ୟୁକ୍ରେନ-ରୁଷ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ପରେ ସେ କୌଣସି ମତେ ବିମାନରେ ସ୍ଥାନ ପାଇ ବଲାଙ୍ଗିର ଫେରି ଆସିଛନ୍ତି । ୟୁକ୍ରେନରେ ଆହୁରି ହଜାର ହଜାର ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟରେ ଫସି ରହିଥିବା କହିଛନ୍ତି ଜୟଶଙ୍କର । ଯୁଦ୍ଧପାଇଁ ଲୋକେ ଜରୁରୀ ସାମଗ୍ରୀ କିଣିବା ପାଇଁ ନାହିଁ ନଥିବା ଅସୁବିଧାରର ସମ୍ମୁଖୀନ ହେଉଛନ୍ତି । ଏପରିକି ଅନେକ ସ୍ଥାନରେ ଦଳା ଚକଟା ପରିସ୍ଥିତି ଦେଖିବାକୁ ମିଳିଥିବା ସେ କହିଛନ୍ତି । ସେହିପରି ତାଙ୍କ ସାଙ୍ଗମାନେ ଥିବା କିଛି ଜାଗାରେ ଗୁଳି ଚାଳନା ସହ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ସେମାନେ ଅତି ଭୟଭୀତ ଅବସ୍ଥାରେ ରହୁଛନ୍ତି । କୌଣସି ମତେ ସରକାର ସମସ୍ତଙ୍କୁ ସେଠାରୁ ଉଦ୍ଧାର କରିବା ପାଇଁ ଜୟଶଙ୍କର ନିବେଦନ କରିଛନ୍ତି ।

# ପୁରୀ, ନୟାଗଡ଼ର ସବୁ ଜୋନ୍‌ରେ ବିଜେଡି ଆଗୁଆ

ପୁରୀ/ଖୋର୍ଦ୍ଧା/ନୟାଗଡ଼ : ପୁରୀ ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୫ମ ପର୍ଯ୍ୟାୟ ମତଦାନ ଶେଷ ପରେ ଶନିବାରଠାରୁ ଜୋନ୍‌ୱାରି ଗଣତି ଆରମ୍ଭ ହୋଇଛି । ଶନିବାର ପ୍ରଥମ ଦିନରେ ପୁରୀ ଜିଲ୍ଲାର ୩୩ଟି ଜିଲ୍ଲାପରିଷଦ ଜୋନ୍‌ରୁ ୧୧ଟିର ଭୋଟ ଗଣତି ଚାଲିଛି । ପଞ୍ଚମ ପର୍ଯ୍ୟାୟ ଗଣତି ଶେଷ ସୁଦ୍ଧା ୧୦ଟି ଜୋନ୍‌ରେ ବିଜେଡି ଆଗରେ ରହିଛି । ଗୋଟିଏ ଜୋନ୍‌ରେ ବିଜେପି ଆଗରେ ଥିବାବେଳେ ଗୋଟିଏ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହି କଡ଼ା ଟକ୍କର ଦେଉଥିବା ଦେଖିବାକୁ ମିଳିଛି । ପିପିଲି, ଡେଲାଙ୍ଗ, ସତ୍ୟବାଦୀ ବ୍ଲକ୍‌କୁ ଛାଡ଼ିଦେଲେ ବାକି ବ୍ଲକ୍‌ରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଭିତରେ ଭୋଟ ବ୍ୟବଧାନ ବହୁ କମ୍ ରହିଛି ।

ପଞ୍ଚମ ପର୍ଯ୍ୟାୟ ଗଣତି ସୁଦ୍ଧା, ସତ୍ୟବାଦୀ ବ୍ଲକ୍‌ର ୩୧ ନମ୍ବର ଜିଲ୍ଲା ପରିଦେ ଜୋନ୍‌ରେ ବିଜେଡିର ନାରାୟଣ ରାଉତରାୟ ୬ହଜାର ୩୩୩, ବିଜେପିର ଜାନକୀ ବଲ୍ଲଭ ବରାଳ ୪ହଜାର ୧୬୮ ଭୋଟ୍ ପାଇଛନ୍ତି । ବ୍ରହ୍ମଗିରି ୨୮ ନମ୍ବର ଜୋନ୍‌ରେ ବିଜେଡିର କୈଳାସ ଚନ୍ଦ୍ର ପରିଡ଼ା ୫ହଜାର ୭୯୬, ବିଜେପିର କୃଷ୍ଣଚନ୍ଦ୍ର ରାୟ ୫ହଜାର ୨୪୭, ନିମାପଡ଼ାର ୧୮ ନମ୍ବର ଜୋନ୍‌ରେ ବିଜେଡି କୁଞ୍ଜଲତା ସାମଲ୍ ଆଗୁଆ ରହିଛନ୍ତି । କାକଟପୁର ବ୍ଲକ୍ ୬ ନମ୍ବର ଜୋନ୍‌ରେ ବିଜେଡିର ଜ୍ୟୋସ୍ନାରାଣୀ ଦଳାଇ, ଅସ୍ତରଙ୍ଗ ବ୍ଲକ୍‌ର ୧ ନମ୍ବର ଜୋନ୍‌ରେ ବିଜେଡିର ସରସ୍ୱତୀ ସ୍ୱାଇଁ , ପୁରୀ ସଦର ବ୍ଲକ୍ ?ର ୨୫ ନମ୍ବର ଜୋନ୍‌ରେ ବିଜେଡିର ମୋନାଲି ମିଶ୍ର , ପିପିଲି ବ୍ଲକ୍ ୨୨ ନମ୍ବର ଜୋନରେ ଅଷ୍ଟମ ପର୍ଯ୍ୟାୟ ଗଣତି ସୁଦ୍ଧା ବିଜେଡି ପ୍ରାର୍ଥୀ ସୁଶ୍ରୀସଙ୍ଗୀତା ବେହେରା, ଡେଲାଙ୍ଗ ବ୍ଲକ୍‌ର ୧୫ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଜ୍ଞା ଛୋଟରାୟ ଆଗରେ ରହିଛନ୍ତି । କଣାସ ବ୍ଲକ୍ ୫ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଣତି ଜେନା ଓ କୃଷ୍ଣପ୍ରସାଦ ବ୍ଲକ୍‌ର ୯ ନମ୍ବର ଜୋନ୍‌ରେ ବିଜେଡିର ଲକ୍ଷ୍ମୀଧର ସାହୁ ଆଗୁଆ ରହିଛନ୍ତି ।



ସେହିପରି ଖୋର୍ଦ୍ଧା ଜିଲ୍ଲାରେ ଷଷ୍ଠ ରାଉଣ୍ଡ ସୁଦ୍ଧା ବିଜୁ ଜନତା ଦଳ ୫ଟି ଜୋନ୍‌ରେ ଆଗୁଆ ରହିଥିବା ବେଳେ ଗୋଟିଏ ଜୋନ୍‌ରେ ବିଜେପି ଆଗୁଆ ରହିଛି । ଖୋର୍ଦ୍ଧା ବ୍ଲକ୍‌ର ଜୋନ୍ ୧ବିଜେଡିର ପ୍ରଫୁଲ୍ଲ ଦଳେଇ , ଚିଲିକା ନିର୍ବାଚନମଣ୍ଡଳୀର ଜୋନ୍ ୪ରେ ବିଜେଡିର ମମତା ପାଇକରାୟ, ବାଣପୁର ୧୩ ନମ୍ବର ଜୋନ୍‌ରେ ବିଜେପି ପ୍ରାର୍ଥୀ ଟିକି ଶବର ଆଗୁଆ ରହିଛନ୍ତି । ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ୨୫ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ସୁନନ୍ଦିତା ସାହୁ , ବେଗୁନିଆ ବ୍ଲକ୍‌ର ୨୨ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସାହୁ, ଖୋର୍ଦ୍ଧା ନିର୍ବାଚମଣ୍ଡଳୀର ଟାଙ୍ଗୀ ୯ ନମ୍ବର ଜୋନ୍‌ର ବିଜେଡି ପ୍ରାର୍ଥୀ ମିତାଞ୍ଜଳି ବଳିଆରସିଂହ ଆଗୁଆ ରହିଛନ୍ତି ।

ସେହିପରି ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ଆଜି ୮ଟି ଜିଲ୍ଲା ପରିଷଦ ଜୋନ୍‌ର ଭୋଟ୍ ଗଣତି କରାଯାଉଥିବା ବେଳେ, ରାତି ୧୦ ଟା ୩୦ ସୁଦ୍ଧା ସର୍ବଶେଷ ଖବର ଅନୁଯାୟୀ ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଆଗୁଆ ଅଛନ୍ତି । ନୟାଗଡ଼ ବ୍ଲକ ଅଧୀନ ଜୋନ୍ ୧୨ରେ ୮ ରାଉଣ୍ଡ ସୁଦ୍ଧା ବିଜେଡିକୁ ୭୩୩୯, ବିଜେପିକୁ ୫୯୬୧ ଭୋଟ୍ ମିଳିଛି । ସେହିଭଳି ଓଡ଼ଗାଁ ବ୍ଲକ୍ ଜୋନ୍ ୧ରେ ବିଜେଡିକୁ ୯୦୪୩, ବିଜେପିକୁ ୫୪୯୩ ଭୋଟ୍ ମିଳିଛି । ଜୋନ୍ ୨୧ ରଣପୁରରେ ବିଜେଡିକୁ ୬୭୩୮, ବିଜେପିକୁ ୫୦୫୬ ଭୋଟ୍ ମିଳିଛି । ଜୋନ୍ ୯ ଦଶପଲ୍ଲାରେ ବିଜେଡିକୁ ୬୨୭୩, ବିଜେପି ୧୯୮୭ଭୋଟ୍, , ଜୋନ୍ ୧୬ ନୂଆଗାଁ ବ୍ଲକରେ ୧୨ ରାଉଣ୍ଡ ସୁଦ୍ଧା ବିଜେଡି ୧୨,୩୯୬, ବିଜେପି ୭୨୩୯ ଭୋଟ୍ ପାଇଛି । ଜୋନ୍ ୧୮ ଭାପୁରରେ ରାଉଣ୍ଡ ୮ ସୁଦ୍ଧା ବିଜେଡିକୁ ୧୦,୩୪୧, ବିଜେପି ୧୬୬ ଭୋଟ୍ ମିଳିଛି । ଜୋନ୍ ୫ ଖଣ୍ଡପଡ଼ାରେ ରାଉଣ୍ଡ ୯ ସୁଦ୍ଧା ବିଜେଡି ୨୩୪୧ ଭୋଟ୍‌ରେ ଆଗୁଆ ରହିଛି, ଜୋନ୍ ୮ ଗଣିଆରେ ୧୦ ରାଉଣ୍ଡ ସୁଦ୍ଧା ବିଜେଡି ୧୩୬୨ ଭୋଟ୍‌ରେ ଆଗୁଆ ରହିଥିବା ଜଣାପଡ଼ିଛି । ଖବର ଲେଖା ହେବା ସୁଦ୍ଧା ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ୍ ଗଣତି ଜାରି ରହିଛି ।

# ଯାଜପୁର ଜିଲ୍ଲାର ଘୋଷିତ ୧୦ରୁ ୧୦ ଜିଲ୍ଲା ପରିଷଦ ଆସନରେ ବିଜେଡି ବିଜୟୀ

ଯାଜପୁର ,୨୭/୨ (ନି.ପ୍ର): ଯାଜପୁର ଜିଲ୍ଲାର ଗତକାଲି ଗଣତି ହୋଇଥିବା ସମସ୍ତ ୧୦ ଟି ଜିଲ୍ଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟ ଗଣତି ଯାଜପୁର ଜିଲ୍ଲାର ୧୦ ଜୋନକୁ ନେଇ ହୋଇଥିଲା । ଏଥିରେ ବିଜେଡି ସମସ୍ତ ୧୦ଟି ଯାକ ଜୋନରେ ଜିତିଥିବା ପ୍ରଶାସନିକ ଘୋଷଣା ହୋଇଛି ।

କୋରେଇ-ଜୋନ(୧)ରୁ ସସ୍ମିତା ତରାଇ, ଦଶରଥପୁର-ଜୋନ(୪)ରୁ ପାର୍ଥସାରଥୀ ମହାପାତ୍ର, ଦାନଗଦି-ଜୋନ(୮)ରୁ ସ୍ମୃତିରାଣୀ ରାଉତ, ଧର୍ମଶାଳା-ଜୋନ(୧୧)ରୁ ସୁଧାଂଶୁ ଭୂଷଣ ସାହୁ, ବଡ଼ଚଣା-ଜୋନ(୧୬)ରୁ ଯତିନ୍ଦ୍ର ପ୍ରସାଦ ନାୟକ, ବରୀ-ଜୋନ(୨୧)ରୁ ଅଶୋକ କୁମାର ସାମଲ, ବିଂଝାରପୁର-ଜୋନ(୨୫)ରୁ ଅହଲ୍ୟା ସ୍ୱାଇଁ, ଯାଜପୁର-ଜୋନ(୨୯)ରୁ ପ୍ରେମାନନ୍ଦ ଜେନା, ରସୁଲପୁର-ଜୋନ(୩୩)ରୁ ଶିଶିର କୁମାର ମହାନ୍ତି ଓ ସୁକିନ୍ଦା-ଜୋନ(୩୭)ରୁ ଜେମା ଚାଖୀ ଆଦି ବିଜେଡି ପ୍ରାର୍ଥୀମାନେ ଜୟଯୁକ୍ତ ହୋଇଛନ୍ତି ।

୨୦୧୭ ତୁଳନାରେ ବେଶ୍ ଭଲ ପ୍ରଥମ ଦିନ ଜିଲ୍ଲା ପରିଷଦର ଗଣତିରେ ବିଜେଡି ଯଥେଷ୍ଟ ଭଲ ପ୍ରଦର୍ଶନ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଏଯାବତ୍ ଘୋଷିତ ୨୫୬ ଜିଲ୍ଲା ପରିଷଦର ଫଳାଫଳ ଭିତରୁ ୨୩୦ରେ ବିଜେଡି, ବିଜେପି ୧୦ଟି ଓ କଂଗ୍ରେସ ୧୨ଟି ଜୋନରେ ବିଜୟୀ ହୋଇଛି ।

# ପଲସ୍ ପୋଲିଓ ଟୀକା ପାଇଁ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ତାଲିମ

କେନ୍ଦ୍ରାପଡ଼ା,୨୭/୨ (ନି.ପ୍ର): ପୋଲିଓ ରୋଗ ନିରାକରଣ ପାଇଁ ୩ ଦିନିଆ ପଲସ୍ ପୋଲିଓ କାର୍ଯ୍ୟକ୍ରମ ଜିଲ୍ଲାର ୯ଟି ବ୍ଲକରେ ଆରମ୍ଭ କରାଯିବ । ଚଳିତ ମାସ ୨୭,୨୮ ଓ ମାର୍ଚ୍ଚ ୧ ତାରିଖରେ ପଲସ୍ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଅଙ୍ଗନୱାଡି , ଆଶାକର୍ମୀ, ଏଏନଏମ୍ ଓ ମାସ ମେମ୍ବର ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ୨୭ ତାରିଖରେ ପ୍ରତ୍ୟେକ ବୁଥ୍‌ରେ ନବଜାତକ ଠାରୁ ୫ ବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏହି ବୁନ୍ଦା ଗ୍ରହଣ କରି ନଥିବା ଶିଶୁ ମାନଙ୍କୁ ୨୮ ତାରିଖ ଓ ୧ ତାରିଖରେ ଅଙ୍ଗନୱାଡି ଓ ଆଶାକର୍ମୀ ମାନେ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ ।


# ଜାତୀୟ ବିଜ୍ଞାନ ଦିବସ



ବିଶ୍ୱବିଜୟୀ ଦାଶ

ଜାତୀୟ ବିଜ୍ଞାନ ଦିବସ ପ୍ରତିବର୍ଷ ୨୮ ଫେବୃୟାରୀରେ ଭାରତରେ ପାଳନ କରାଯାଏ । ଫେବୃୟାରୀ ୨୮ ତାରିଖ ୧୯୨୮ ମସିହାରେ ନୋବେଲ ବିଜେତା ଭାରତର ସୁନାମଧନ୍ୟ ବୈଜ୍ଞାନିକ ଡ଼ଃ ଚନ୍ଦ୍ରଶେଖର ଭେଙ୍କଟ ରମଣ, ରମଣ ଇଫେକ୍ଟ ଆବିଷ୍କାର କରିଥିଲେ। ରମଣ ପ୍ରଭାବ ହେଲା, ଯେତେବେଳେ ଏକ ତରଳ ପଦାର୍ଥରୁ ଆଲୋକର ତରଙ୍ଗ ବାହାରିଥାଏ ସେତେବେଳେ ଏହି ଆଲୋକ ତରଙ୍ଗର କିଛି ଅଂଶ ବିଭିନ୍ନ ଦିଗରେ ବିଚ୍ଛୁରିତ ହୋଇ ପଡ଼ିଥାଏ, ଯାହା ଆସୁଥିବା ଆଲୋକ ତରଙ୍ଗର ଦିଗଠାରୁ ଭିନ୍ନ। ତାଙ୍କର ଏହି ଅନୁସନ୍ଧାନରୁ ଜଣାପଡ଼ିଲା ଯେ ସମୁଦ୍ର ଜଳର ରଙ୍ଗ କାହିଁକି ନୀଳ ଦେଖାଯାଏ।ଫୋଟନ୍ କଣିକାର ନମନୀୟତା ବିଷୟରେ ପ୍ରକାଶ କରିଥାଏ ରମଣ ପ୍ରଭାବ। ଏହି ଆବିଷ୍କାର ଯୋଗୁଁ ତାଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାର ମିଳିଥିଲା। ପୁରସ୍କାର ଗ୍ରହଣ କରିବାରେ ସେ କେବଳ ଭାରତରେ ନୁହେଁ ବରଂ ଏସିଆ ମହାଦେଶରେ ମଧ୍ୟ ପ୍ରଥମ ଥିଲେ। 'ଜାତୀୟ ବିଜ୍ଞାନ ଏବଂ ବୈଷୟିକ ଯୋଗାଯୋଗ ପରିଷଦ'ର ଅନୁମୋଦନ କ୍ରମେ ଫେବୃଆରୀ ୨୮ ତାରିଖକୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ' ଭାବେ ପାଳନ କରାଯାଇ ଆସୁଅଛି । ତେବେ ୧୯୮୭ ମସିହାରେ ପ୍ରଥମ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣତା ବିଷୟରେ ଜାଣିବାକୁ ଏବଂ ଜଣେଇବାକୁ ଏହି ଦିବସ ପାଳନ କରାଯାଇଥାଏ। ଲୋକମାନଙ୍କୁ ବିଜ୍ଞାନ ଭିତ୍ତିକ ଗବେଷଣା, ଆବିଷ୍କାର, ଆଲୋଚନା ଆଦି କରିବାକୁ ମଧ ଏହି ଦିବସ ଆୟୋଜନ କରାଯାଇଥାଏ।

ସି.ଭି.ରମଣ, ସତ୍ୟେନ୍ଦ୍ରନାଥ ବୋଷ, ଜଗଦୀଶ ଚନ୍ଦ୍ର ବୋଷ ଓ ମେଘନାଦ ଶାହା ଭାରତୀୟ ବିଜ୍ଞାନକୁ ମାର୍ଗ ଦେଖାଇଛନ୍ତି। ବିଶ୍ୱ ବିଜ୍ଞାନ ଦରବାରରେ ଭାରତକୁ ଅଧିଷ୍ଠିତ କରିବାରେ ସେମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନର ବିକାଶ ଭାରତରେ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରିଛି। ମହାକାଶ ବିଜ୍ଞାନ ଦୌଡ଼ରେ ସୁପର୍‌ପାୱାରଙ୍କ ସମକକ୍ଷ ହେବା ଲାଗି ଏବେ ଭାରତ ଅଗ୍ରସର ହୋଇଛି। ବିଜ୍ଞାନର ବିକାଶ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛି । ଶିଳ୍ପରେ ବି ବିଶ୍ୱସ୍ତରରେ ଭାରତ ଅଭୂତପୂର୍ବ ସଫଳତା ପାଇବାରେ ଲାଗିଛି।



ମନୁଷ୍ୟ ଦିନେ ଯାହାକୁ କବିର କଳ୍ପନା ମନେକରି ଆଶ୍ଚର୍ଯ୍ୟ ଚକିତ ଦୃଷ୍ଟିରେ ଦେଖୁଥିଲା ବା ଏକ ଅବାସ୍ତବ ପରିକଳ୍ପନା ମନେକରି ଚୁପ ରହିଯାଉଥିଲା, ତାହା ଆଜିର ମାନବ ନିକଟରେ ବାସ୍ତବ ଚିତ୍ର।ବିଜ୍ଞାନର ଅମୀୟ ସ୍ପର୍ଶରେ ମଙ୍ଗଳ ଓ ଚନ୍ଦ୍ର ପୃଷ୍ଠରେ ମନୁଷ୍ୟ ଖୋଜୁଛି ବାସଭୂମି।ମାନବ ସମାଜ ଉନ୍ନତିରେ ବିଜ୍ଞାନ ଆଣିଛି ପରିବର୍ତ୍ତନ। ଚିକିତ୍ସା କ୍ଷେତ୍ରରେ ବିଜ୍ଞାନ ଆଣିଛି ଅଭୁଦପୂର୍ବ ପରିବର୍ତ୍ତନ। ରେଳ, ଉଡ଼ାଜାହାଜ, ଟେଲିଫୋନ, ରେଡ଼ିଓ, ମୋବାଇଲ, ଟେଲିଭିଜନ, ଇଣ୍ଟରନେଟ୍ ମାଧ୍ୟମରେ ଦୂରତ୍ୱର ସଂଜ୍ଞା ବଦଳିଛି। କୃଷିକ୍ଷେତ୍ର ଠାରୁ ଦ୍ରୁତ ଶିଳ୍ପାୟନ ପର୍ଯ୍ୟନ୍ତ ସବୁଠି ବିଜ୍ଞାନର ଜୟ ଜୟ କାର।ଅସଂଖ୍ୟ ବୈଦ୍ୟୁତିକ ଯନ୍ତ୍ରପାତି ଉଦ୍ଭାବନ ଦ୍ୱାରା ମାନବ ସମାଜ ସମୃଦ୍ଧିରେ ପରିପୂର୍ଣ୍ଣ ହୋଇପାରିଛି। କୁଶଳୀ 'ବିଜ୍ଞାନୀ-ବଳ' ସଂଗ୍ରହ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଉନ୍ନତି କରିବା ଅପରିହାର୍ଯ୍ୟ । ଏବେ ୩୦୦ରୁ ଅଧିକ ଭାରତୀୟ ବିଶ୍ୱ ବିଦ୍ୟାଳୟଗୁଡିକରେ ରହିଛନ୍ତି ସଢେ ୩ ଲକ୍ଷରୁ ଉର୍ଦ୍ଧ୍ୱ ବିଜ୍ଞାନ ଛାତ୍ରଛାତ୍ରୀ। ଦେଶରେ ଆଇଆଇଟି ଓ ଅନ୍ୟାନ୍ୟ ବିଜ୍ଞାନ ପ୍ରତିଷ୍ଠାନଗୁଡିକ ବିଶ୍ୱରେ ଯଥେଷ୍ଟ ମାନ୍ୟତା ଲାଭ କରିଛି। ତେବେ ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ଉପରେ ଏହି ଦିବସ ଗୁରୁତ୍ୱ ପ୍ରଦାନ କରିଆସୁଛି।

ବିଜ୍ଞାନ ଓ କାରିଗରୀ କୌଶଳ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ପାଠ୍ୟକ୍ରମକୁ ବିଜ୍ଞାନାଭିମୁଖୀ କରଯିବା ଆବଶ୍ୟକ।

ବିଜ୍ଞାନକୁ ସୃଷ୍ଟି କରିଛି ଏହି ମନୁଷ୍ୟର ଉନ୍ନତ, ତୀବ୍ର ମସ୍ତିଷ୍କ। ଏହାର ସଦୁପଯୋଗ ଦେଇଥାଏ ଉନ୍ନତି ଓ ଦୂରୁପଯୋଗ ଦେଇଥାଏ ଅବନତି। ତେଣୁ ଏହାର ବ୍ୟବହାର କୁ ସୃଜନଶୀଳ ଓ ସକରାତ୍ମକ ଦିଗରେ ହେବା ଉଚିତ୍ । ଏହି ଦିବସରେ ଆମେ ସମସ୍ତେ ଶପଥ ନେବା ବିଜ୍ଞାନକୁ କଲ୍ୟାଣମୟୀ କରିବା ଓ ଏହାର ସୁବିନିଯୋଗ କରିବା ଓ ବିଜ୍ଞାନ ଦିବସ ପାଳନର ମହତ୍ତ୍ୱ ରକ୍ଷା କରିପାରିବା।

ଭାରତ ର ପୂର୍ବତନ ରାଷ୍ଟ୍ରପତି ତଥା ଯଶସ୍ୱୀ ବୈଜ୍ଞାନିକ ଡ଼ଃ ଏପିଜେ ଅବଦୁଲ କଲାମ କହିଥିଲେ ଏକଦା

ଜୟ ଯବାନ।
ଜୟ କିଷାନ।
ଜୟ ବିଜ୍ଞାନ।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ବ୍ୟସ୍ତ ମହିଳାଙ୍କ ପାଇଁ ବ୍ୟାୟାମ



## ଆଜିକାଲି ମହିଳାମାନଙ୍କ ଜୀବନ ଖୁବ୍ ବ୍ୟସ୍ତବହୁଳ ହୋଇପିଡ଼ିଛି । ନିଜ ପାଇଁ ସମୟ ନାହିଁ କହିଲେ ଚଳେ । କିନ୍ତୁ ଏଥିପାଇଁ ସ୍ୱାସ୍ଥ୍ୟକୁ ଅବହେଳା କଲେ ଚଳିବ ନାହିଁ । ସୁସ୍ଥ ନରହିଲେ କୌଣସି କାମ ସଠିକ ଭାବେ କରିପାରିବେ ନାହିଁ । ବ୍ୟସ୍ତ ଜୀବନରେ ସୁସ୍ଥ ରହିବା ପାଇଁ କିଛି ବ୍ୟାୟାମ ପରାମର୍ଶ ।

## କିଛି ବିଶେଷ ଟିପ୍ସ:

### କମ ସମୟର ଏକ୍ସରସାଇଜ ପ୍ଲାନ:

୧ ଶିଡ଼ି ପାଖରେ ଛିଡ଼ା ହୋଇ କାନ୍ଥ ଆଡ଼କୁ ମୁହାଁଇ ଗୋଟିଏ ଗୋଡ଼ ଶିଡ଼ି ଓ ଗୋଟିଏ ଗୋଡ଼ ଚଟାଣରେ ରଖନ୍ତୁ । ଛାତି ସିଧା ଓ ପେଟ ଟାଣ କରି ଆଣ୍ଠୁକୁ ୪୫°ରୁ ୯୦° ରେ ଭାଙ୍ଗି ଆଣ୍ଠୁ ଟେକି ବସିବା ଭଙ୍ଗୀରେ ଆସନ୍ତୁ । ଦେଖିବେ ଯେମିତି ଆଣ୍ଠୁ ପଦାଙ୍ଗୁଳିର ପଛେଇ ରହେ । ଏଥର ଛିଡ଼ା ହୋଇ ଗୋଡ଼ ସିଧା କରନ୍ତୁ । ତଳେ ଥିବା ଗୋଡ଼ ସିଧା ଭାବେ ଉଠାନ୍ତୁ । ଏଇ ଅବସ୍ଥାରେ ଡେଇଁବେ । ଏପରି ୧ମିନିଟ୍ ଲେଖାଁ ପ୍ରତି ଗୋଡ଼ରେ କରନ୍ତୁ ।



୨ ସୋଫା ପଛରେ ଛିଡ଼ା ହୋଇ ହାତ ଦୁଇଟି ପରସ୍ପର ଠାରୁ ଯଥେଷ୍ଟ ଦୂରତ୍ୱରେ ରଖି ପଛାନ୍ତୁ । ହାତ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇଗଲେ ତଥା ପଦାଙ୍ଗୁଳି ତଳେ ଥିବା ହାଡ଼ ଉପରେ ଛିଡ଼ା ହେଲେ ଅଟକି ଯାଆନ୍ତୁ । ଦୁଇ ପାଦ ମଝିରେ ଦୁଇ କାନ୍ଧରୁ ଅଧିକ ଦୂରତ୍ୱ ବଜାୟ ରଖନ୍ତୁ । ଶରୀର ତୀର୍ଯ୍ୟକ ଥିଲେ ବି ସିଧା ରହିବ । ଏଥର କହୁଣୀ ମୋଡ଼ି ଦେହର ଉପର ଅଂଶ ସୋଫା ପାଖକୁ ନିଅନ୍ତୁ । କହୁଣୀ ସିଧା କରି ଶରୀର ଉପରକୁ ନେଇ ଆସନ୍ତୁ । ବ୍ୟାୟାମଟି ୧ମିନଟ୍ କରନ୍ତୁ ।

୩ ଦୁଇ ପାଦ ମଝିରେ ଦୂରତ୍ୱ ରଖି ଛିଡ଼ା ହୁଅନ୍ତୁ । ଛାତି ସିଧା ଓ ପେଟ ଟାଣି ରଖି ଡାହାଣ ପାଦ ବଢ଼ାନ୍ତୁ । ଆଣ୍ଠୁ ଭାଙ୍ଗି ଉହୁଙ୍କି ପଡ଼ିବା ଭଳି ହୁଅନ୍ତୁ । ଡାହାଣ ଆଣ୍ଠୁ ଓ ଗୋଠି ସିଧା ରଖନ୍ତୁ । ଏଥର ଆଣ୍ଠୁ ସିଧା କରି ଛିଡ଼ା ହୁଅନ୍ତୁ । ଡାହାଣ ପାଦ ପଛକୁ ନନେଇ ବାମ ପାଦ ବଢ଼ାନ୍ତୁ । ବାମ ଆଣ୍ଠୁ ଉନିତମ୍ୱ ଯାଏଁ ଉଠିଲେ ସେଇ ଅବସ୍ଥାରେ ୩ ଯାଏଁ ଗଣି ବାମ ପାଦ ଆଗକୁ ରଖନ୍ତୁ । ଏଥର ବାମ ଗୋଡ଼ ଆଗେଇ ବ୍ୟାୟାମଟି କରନ୍ତୁ । ଏଭଳି ୧ରୁ ୨ ମିନିଟ୍ ବ୍ୟାୟାମ କରି ଆଗେଇ ଚାଲନ୍ତୁ ।

- ଲିଫ୍ଟ ବା ଏକ୍ସାଲେଟର ବଦଳରେ ଶିଡ଼ି ବ୍ୟବହାର କରନ୍ତୁ ।
- ଖାଇବା ପରେ ଅନ୍ତତଃ ଦଶମିନିଟ୍ ଚାଲବୁଲ କରନ୍ତୁ ।
- ହାତରେ ସମୟ ନଥିଲେ ପଡ଼ିଶା କିମ୍ବା ଅଫିସରେ ଟିକେ ବୁଲାବୁଲି କରନ୍ତୁ ।
- ସମୟ ନମିଳିଲେ ଛିଟି ଦିନ ପାଇଁ ଭଲ ଉପଯୋଗୀ ଏକ୍ସସରସାଇଜ ରୁଟିନ୍ ତିଆରି କରନ୍ତୁ ।
- ପାଣି ଗରମ କଲାବେଳେ ବା ପାଖରେ କିଛି ସମୟ ଥିଲେ ସ୍କିପିଂ କରନ୍ତୁ ।
- ଅଫିସ ଯିବା ପୂର୍ବରୁ ମେକଅପ କଲାବେଳେ ଆଇନା ଆଗରେ ଛିଡ଼ା ହୋଇ ନିଜ ପସନ୍ଦର ସଙ୍ଗୀତ ଶୁଣୁ ଶୁଣୁ ୧୦-୧୫ ମିନିଟ ଜଗିଂ କରନ୍ତୁ ।
- ଟିଭି ଦେଖିବା ବେଳେ ରିମୋଟ୍ ପାଖରେ ରଖିବେ ନାହିଁ ।
- ସମୟ ମିଳିଲେ ନିଜେ ଦୋକାନକୁ ଚାଲିଚାଲି ଯାଆନ୍ତୁ ଓ ଫେରନ୍ତୁ ।
- ଛିଡ଼ା ହୋଇ ରନ୍ଧାବଢ଼ା କରିବା ବେଳେ ଦଣ୍ଡବୈଠକ କରିପାରନ୍ତି ।
- ପିଲା ସ୍କୁଲରୁ ଫେରିବା ପାଇଁ ଅପେକ୍ଷା କରିଥିବା ବେଳେ ଛିଡ଼ା ନହୋଇ ଟିକେ ଚାଲବୁଲ କରନ୍ତୁ ।
- କାମ ମଝିରେ୫-୧୦ ମିନିଟ ପାଇଁ ଠନ୍ତୁ।
- ଟିକେ ଚାଲବୁଲ କରନ୍ତୁ । ଅବା ଶିଡ଼ି ଓହ୍ଲାନ୍ତୁ ଓ ଚଢ଼ନ୍ତୁ ।
- ନାଚିବାକୁ ଭଲ ପାଉଥିଲେ ସମୟ ମିଳିଲେ ନାଚନ୍ତୁ ମନ ଓ ଶରୀର ଉଭୟ ଭଲ ରହିବ ।



### ଖାଦ୍ୟ ବିଷୟରେ କିଛି କଥା :

ସଠିକ ଖାଦ୍ୟାଭ୍ୟାସ ଦ୍ୱାରା ଆପଣ ସୁସ୍ଥ ଓ ସୁନ୍ଦର ରହିବା ସାଙ୍ଗକୁ ସତେଜ ଓ କର୍ମଠ ରହନ୍ତି । ନିୟମିତ ଭାବେ ସଠିକ ପରିମାଣର ଖାଦ୍ୟ ଖାଉଥିବା ଲୋକେ ଦୀର୍ଘ ଓ ସୁସ୍ଥ ଜୀବନ ଲାଭ କରନ୍ତି । ବ୍ରେକଫାଷ୍ଟ ବା ଜଳଖିଆକୁ ଖାଦ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ଦିଅନ୍ତି । ଏହାକୁ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ କୁହାଯାଏ । ଏଥିରୁ ଦିନସାରା କାମ କରିବାର ଶକ୍ତି ମିଳେ । ତେଣୁ ବ୍ରେକଫାଷ୍ଟ ବାଦ ଦେବା କଥା ଭାବିବେ ନାହିଁ । ଯଅ ଚୂନା, କର୍ଣ୍ଣ ଫ୍ଲେକ୍ସ ଭଳି ସିରିୟଲ୍ ଓ କଦଳୀ, ଷ୍ଟ୍ରବେରି ଭଳି ନାନା ଫଳ ଓ କ୍ଷୀର ଭଲ ବ୍ରେକଫାଷ୍ଟ । ଏଇ ଖାଦ୍ୟଗୁଡ଼ିକ କାର୍ବୋହାଇଡ୍ରେଟ୍, କ୍ୟାଲଶିୟମ, ତନ୍ତୁରେ ଭରା ଓ କମ ଚର୍ବିଯୁକ୍ତ । ତେବେ ଏଥିରେ ଯଥେଷ୍ଟ ପ୍ରୋଟିନ ନଥାଏ । ଅଧିକାଂଶ କ୍ଷେତ୍ରରେ ବ୍ରେକଫାଷ୍ଟରେ ପ୍ରୋଟିନ ଅଭାବ ରହେ । ସଠିକ କାମ ପାଇଁ ଲୋଡ଼ା ପର୍ଯ୍ୟାପ୍ତ ପ୍ରୋଟିନ । ବ୍ରେକଫାଷ୍ଟ ହେଉ ବା ଅନ୍ୟ ଭୋଜନ, ସବୁବେଳେ ବାଲନ୍ସଡ ଡାଏଟ୍ ପାଇଁ ଚେଷ୍ଟା କରନ୍ତୁ । ଖାଦ୍ୟରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫ୍ୟାଟ୍ , ଭିଟାମିନ ଓ ମିନେରାଲ ଆଦି ସଠିକ ପରିମାଣରେ ଥିବା ଦରକାର । ଅନେକେ ପତଳା ରହିବା ପାଇଁ ଖାଦ୍ୟରୁ ଫ୍ୟାଟକୁ ସମ୍ପୂର୍ଣ୍ଣ ବାଦ ଦିଅନ୍ତି । ଏପରି କରିବା ଅନୁଚିତ । ଫ୍ୟାଟ୍‌ର ମଧ୍ୟ ଗୁରୁତ୍ୱ ରହିଛି । ଏହା ଏନର୍ଜି ଲେଭଲ୍ ବଜାୟ ରଖେ ଖାଦ୍ୟରେ ଚିକେନ ଓ ମାଛ ରଖନ୍ତୁ ଏଥିରେ ଫ୍ୟାଟ କମ ଥାଏତେଣୁ କ୍ୟାଲେରି ଓ କୋଲେଷ୍ଟ୍ରଲ୍ ମଧ୍ୟ କମ । ତେବେ ମଟନ ନଖାଇବାର କୌଣସି କାରଣ ନାହିଁ । ଏଥିରେ ପ୍ରଚୁର ପ୍ରୋଟିନ, ଆଇରନ, ଜିଙ୍କ ଓ କ୍ରିଏଟାଇନ ଥାଏ । ଡାକ୍ତରଙ୍କ ନିଷେଧ ନଥିଲେ ସପ୍ତାହକୁ ଥରେ ବା ଦୁଇ ଥର ମଟନ ଖାଇ ପାରିବେ । କଦଳୀ, କମଳା, ଅଙ୍ଗୁର ଓ ଅନ୍ୟାନ୍ୟ ରସଯୁକ୍ତ ଫଳରେ ଭିଟିନ ସି ଓ ପୋଟାଶିୟମ ଅଧିକ ଥାଏ । ତେଣୁ ଫଳ ସହିତ ଫଳ ରସ ଦିନକୁ ଥରେ ଖାଦ୍ୟ ତାଲିକାରେ ରଖନ୍ତୁ । କାରଣ, ଫଳ ଓ ଫଳ ରସରେ କ୍ୟାଲୋରିର ମାତ୍ରା ଅଧିକ । ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରତିଦିନ ଭିଟାମିନ ଇ କ୍ୟାପସୁଲ ଖାଆନ୍ତୁ । ଏହା ହୃଦରୋଗ ଓ କ୍ୟାନସରରୁ ରକ୍ଷା କରିବା ସହିତ ତ୍ୱଚା ତଥା କେଶକୁ ସୁନ୍ଦର ରଖେ ।









# ମାଟି ତଳେ ଜୀବନ



ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକା ଭଳି ଦେଶରେ ଆଜି ବି ଏଭଳି ଏକ ଗାଁ ଅଛି ଯାହା ସହରୀ ଜୀବନଶୈଳୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କ୍ୟାନିୟନର ସୌନ୍ଦର୍ଯ୍ୟ ଦେଖିବା ପାଇଁ ଦେଶ ବିଦେଶରୁ ଅଧିକାଂଶ ଲୋକ ଆରିଜୋନା ଆସିଥାନ୍ତି । ଏହି ସ୍ଥାନରେ ରହିଛି ହଭ୍ୱାସୁପାଇ ନାମକ ବହୁ ପୁରାତନ ଗାଁ । ଗାଁଟିର ମୋଟ ଜନସଂଖ୍ୟା ୨୦୮ । ତିନିହଜାର ଫୁଟ୍ ତଳେ ଗଢ଼ି ଉଠିଛି ଏହି ଗାଁ । ସମଗ୍ର ଆମେରିକାରେ ଏହା ଏଭଳି ଏକ ଗାଁ ଯେଉଁଠି ଆଜି ମଧ୍ୟ ଚିଠି ନେବା ଆଣିବା କରିବାରେ ଲମ୍ବା ସମୟ ଲାଗେ । ଗାଁକୁ ସହର ସହିତ ସଂଯୋଗ କରିବାର ଏକମାତ୍ର ମାଧ୍ୟମ ଘୋଡ଼ାଗାଡ଼ି । ଘୋଡ଼ାଗାଡ଼ିରେ ୟୁନାଇଟେଡ୍ ଷ୍ଟେଡ୍ ପୋଷ୍ଟାଲ ସର୍ଭିସର ମୋହର ଲାଗିଥାଏ । ଏମ୍ିତିକି ଆଜି ବି ଗାଁରେ କୌଣସି ଇନ୍ଧନ ଗାଡ଼ି ନୁହଁ ବରଂ ଜିନିଷପତ୍ର ନେବା ଆଣିବା କରିବା ପାଇଁ ଘୋଡ଼ା ଗାଡ଼ିର ବ୍ୟବହାର କରିଥାନ୍ତି ଲୋକମାନେ । ଗାଁ ନିକଟକୁ ପହଞ୍ଚିବାକୁ ହେଲେ ଆବଡ଼ାଖାବଡ଼ା ରାସ୍ତା ଦେଇ ଯିବାକୁ ପଡ଼େ । ଗାଁ ସବୁଠୁ ନିକଟତର ସଡ଼କ ମଧ୍ୟ ଆଠ କିଲୋମିଟର ଦୂରରେ ରହିଛି । ଗାଁ କୁ ଆସିବାକୁ ହେଲେ ଷଘାଡ଼ାଗାଡ଼ି ନଚେତ ହେଲିକପ୍ଟର ସାହାଯ୍ୟରେ ଆସି ହୋଇଥା, । ଏହି ଗାଁରେ ରହୁଥିବା ଜନଜାତିଙ୍କ ନାକରଣ ଗାଁର ସୌନ୍ଦର୍ଯ୍ୟକୁ ନେଇ ରଖାଯାଇଛି । ହଭ୍ୱାସୁପାଇର ଅର୍ଥ ନୀଳ ଏବଂ ସବୁଜ ରଙ୍ଗର ପାଣି ବାଲା ଲୋକ । ଏଠାକାର ଲୋକପାଣିକୁ ପବିତ୍ର ମାନିଥାନ୍ତି । ଶୁଣିବାକୁ ମିଳେ ଏଠି ବାହାରୁଥିବା ଫିରୋଜା ରଙ୍ଗର ପାଣିରୁ ହିଁ ଏହି ଜନଜଚାତିଙ୍କ ଜନ୍ମ ଗାଁର ଲୋକମାନେ ହଭ୍ୱାସୁପାଇ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି । ଲୋକମାନେ ଏଠାରେ ମକା ଚାଷ କରନ୍ତି । ରୋଜଗାର ପାଇଁ ଝୁଡ଼ି ପ୍ରସ୍ତୁତ କରି ସହରରେ ବିକ୍ରି କରନ୍ତି । ଝୁଡ଼ି ତିଆରି କରିବା ଏଠାକାର ଲୋକଙ୍କ ପାରମ୍ପରିକ ବ୍ୟବସାୟ ।



# ବିଲ୍ ଗେଟସ୍‌ଙ୍କ ଉପଦେଶ



ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଓ ପୂରା ବିଶ୍ୱରେ ଚର୍ଚ୍ଚିତ ବିଲ୍ ଗେଟ୍ ସ ନିକଟରେ ଏକ ସମ୍ମିଳନୀରେ ପ୍ରତ୍ୟେକ ପିଢ଼ିଙ୍କୁ କେତୋଟି ଯଥୋଚିତ ଉପଦେଶ ଦେଇଛନ୍ତି । ତାଙ୍କ ମତରେ, ସଫଳତା ଏତେ ସହଜ ଦୁହେଁ ସତ, କିନ୍ତୁ ଖୁବ୍ କଠିନ ମଧ ନୁହେଁ । ପରିଶ୍ରମର ରାସ୍ତାରେ ବଢୁଥିବାବେଳ ଅକସ୍ମାତ ସଫଳତା ସହ ଭେଟ ହୋଇଥାଏ ବୋଲି ସେ କହିଛନ୍ତି । ଅନାବଶ୍ୟକ ଜିନିଷରେ ଖର୍ଚ୍ଚ ନକରି ବରଂ ସବୁଠୁ ଆବଶ୍ୟକ ସମାଗ୍ରୀ କିଣିବା ଉଚିତ । ତାଙ୍କ ପାଖରେ ଅର୍ଥର ଅଭାବ ନାହିଁ, କିନ୍ତୁ ଏହାର ମାନେ ନୁହେଁ ସେ ଦୈନିକ ସଫି ମଲ ଯାଇ ଅନାବଶ୍ୟକ ପୋଷାକ, ଖାଦ୍ୟ ସାମଗ୍ରୀ କିଣିବେ । ତାଙ୍କ ପିଲା ଓ ପତ୍ନୀ ମଧ ଭଲଭାବେ ଏହି କଥା ବୁଝିଯାଇଛନ୍ତି । ବିଲଙ୍କ ମତରେ ଯଦି ଗୋଟିଏ ଘରେ ରହିଆମର କୌଣସି ଅସୁବିଧା ନାହିଁ, ତେବେ ୩-୪ଟି ଘର କିଣିବା ଶାନ୍ତି, ପାଇବା କେଉଁଠୁ ? ବରଂ ସେସବୁର ଦେଖାରଖାରେ ଆମେ ବ୍ୟତିବ୍ୟସ୍ତ ହୋଇଯିବା । କିଛି ବର୍ଷ ତଳେ କୌଣସି କାର୍ଯ୍ୟକ୍ରମରେ ବିଲ ଗେଟସ ଜେନେଭା ଯାଇଥିଲେ । ସେଠାରେ ଏକ ଘଣ୍ଟା ଦୋକାନରୁ ମାତ୍ର ୧୦ଡଲାରରେ ସେ ଗୋଟିଏ ହାତ ଘଣ୍ଟା ଦୋକାନରୁ ମାତ୍ର ୧୦ଡଲାରରେ ସେ ଗୋଟିଏ ହାତ ଘଣ୍ଟା କିଣିଥିଲେ । ସେ ଆଜିଯାଏଁ ଘଣ୍ଟାଟିକୁ ପିନ୍ଧୁଛନ୍ତି । ଜଣେ ଆତ୍ମୀୟ ଥରେ ତାଙ୍କୁ ସୁନା ଓ ହୀରା ଖଚିତ ଘଣ୍ଟାଟି ଉପହାର ଦେଇଥିଲେ । ବିଲ ତାକୁ ଗ୍ରହଣ ନ କରି ବରଂ ପରାମର୍ଶ ଦେଇଥିଲେ, ଏହି ଦାମୀ ଘଣ୍ଟାକୁ ପିନ୍ଧିଲେ ମୋ ପରିଚୟ ବଦଳିବ ନାହିଁ । ବରଂ ଲୋଭ ନିଶ୍ଚୟ ବଢ଼ିବ । ଅନ୍ୟମାନଙ୍କ ସହ ତୁଳନା କରିବାକୁ ବିଲ ଖୁବ ବିରକ୍ତି ପ୍ରକାଶ କରନ୍ତି । ଥରେ ତାଙ୍କର ଜଣେ ସହକର୍ମୀ ଅନ୍ୟ ଏକ କମ୍ପାନୀର ସ୍ଥିତିକୁ ପ୍ରକାଶ କରୁଥିବାବେଳେ ବିଲ କହିଥିଲେ, ଆମେ ଅନ୍ୟ କାହା ସହ ପ୍ରତିଦ୍ୱନ୍ଦିତା କରି ଶେଷରେ ପାଇବା କ'ଣ ? ସେଥିପାଇଁ ସେ ନିଜ କାମକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଫେବୃଆରୀ ୨୦୨୨, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚିତ ଭବିଷ୍ୟତ...

ଉତ୍ତର-ସୋଭିଏତ୍ ରାଷ୍ଟ୍ରସଂଘ (ୟୁଏସ୍ଏଆର) ପରିସ୍ଥିତିରେ ଆମେରିକା ନେତୃତ୍ୱାଧୀନ ନାଟୋ (ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍)ର ପୂର୍ବ ଆଡ଼କୁ, ଯେଉଁଠି ରୁଷିଆକୁ ଲାଗିଥିବା ରାଷ୍ଟ୍ରଗୁଡ଼ିକ ଅବସ୍ଥିତ, ସେହି ଏ ଦିଗରେ ସମ୍ପ୍ରସାରଣ ବାସ୍ତବରେ ବର୍ତ୍ତମାନ ସମୟର ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ନିମନ୍ତେ ଦାୟୀ । ୟୁକ୍ରେନ୍ ଉପରେ ଆକ୍ରମଣ କରି ରୁଷିଆ ଏହାର ୧୦ରୁ ଅଧିକ ସଂଖ୍ୟକ ବାୟୁସେନା ଘାଟିକୁ ମିଶାଇ ୭୦ରୁ ଅଧିକ ସଂଖ୍ୟକ ସାମରିକ ସ୍ଥଳୀକୁ ଧ୍ୱଂସ କରିଦେବା ପରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଜରୁରୀକାଳୀନ ଭିତ୍ତିରେ ବସିଥିବା ଜି-୭ ରାଷ୍ଟ୍ରମୁଖ୍ୟମାନଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ରୁଷିଆର ଆଉ ଚାରିଗୋଟି ବ୍ୟାଙ୍କ ଉପରେ କଟକଣା ଜାରି କରିବା, ଆମେରିକାରେ ଥିବା ରୁଷୀୟ ସମ୍ପତ୍ତିଗୁଡ଼ିକୁ ଅଚଳ କରିବା ତଥା ରୁଷିଆରୁ ତୈଳ ଆମଦାନୀ ଉପରେ କଟକଣା ଲଗାଇବା ଭଳି କେତେକ ପଦକ୍ଷେପ ନେଇଛନ୍ତି । ତେବେ ୟୁକ୍ରେନ୍‌କୁ ଆମେରିକା ସେନା ପଠାଇବା ନାହିଁ ବୋଲି କହିଛନ୍ତି ଆମେରିକୀୟ ରାଷ୍ଟ୍ରପତି । ନାଟୋ ମଧ୍ୟ ସମାନ ଘୋଷଣା କରିଛି । ଏସବୁ କଦାଚିତ୍ ରୁଷିଆକୁ ନିବୃତ୍ତ କରି ପାରିବ ୟୁକ୍ରେନ୍‌କୁ କବ୍‌ଜା କରିବାରୁ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ଭାଷାରେ, ତାଙ୍କର ନିକଟତମ ପଡ଼ୋଶୀ ୟୁକ୍ରେନ୍‌କୁ 'ସେନାକରଣ' ଏବଂ 'ନାଜିକରଣ'ରୁ ଓହରାଇ ଆଣିବା ଉଦ୍ଦେଶ୍ୟରେ ରୁଷିଆର 'ବିଶେଷ ସାମରିକ କାର୍ଯ୍ୟାନୁଷ୍ଠାନରୁ । ପରିସ୍ଥିତି ବର୍ତ୍ତମାନ ଏମିତି ହୋଇଛି ଯେ ୟୁରୋପୀୟ ମହାଦେଶରେ ଏହା ଏକ ବଡ଼ ଧରଣର ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତି କରି ସାରିଛି । ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ସୋଇଗୁ ବିଶ୍ୱର ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ୟୁକ୍ରେନୀୟ ସେବାକାରୀଙ୍କୁ 'ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ କରିବା ସହିତ ଯେଉଁମାନେ ଅସତ୍ୟାଗ କରୁଛନ୍ତି, ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । କିନ୍ତୁ ପୂର୍ବର ସୋଭିଏତ୍ ରାଷ୍ଟ୍ରସଂଘ ଅମଳର ଚେର୍ଣ୍ଣୋବିଲ୍ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଘମାଘୋଟ ଯୁଦ୍ଧ ଲାଗିଯାଇଛି, ଯାହା ବଚିତ୍ ଆଶ୍ୱସ୍ତ କରି ପାରିବ ବିଶ୍ୱବାସୀଙ୍କୁ । ଅର୍ଥନୀତିକ କଟକଣା ଜାରି କରାଯିବା, ସମ୍ପତ୍ତି ଅଚଳ କରାଯିବା ଏବଂ ଆର୍ଥିକ ବଜାର ସହିତ କାରବାର କରିବାରୁ ରୁଷିଆକୁ ବଞ୍ଚିତ କରାଯିବା ଭଳି ବିଭିନ୍ନ କଠୋର ପଦକ୍ଷେପକୁ ଭୃକ୍ଷେପ ନ କରି ତାଙ୍କ ମାମଲାରେ ଯଦି କୌଣସି ବିଦେଶୀ ହସ୍ତକ୍ଷେପ ହୁଏ, ତା'ହେଲେ ତାହାର 'ତୁରନ୍ତ କଡ଼ା ଜବାବ ଦିଆଯିବ' ଏବଂ 'ତାହାର ପରିଣତି ଏପରି ଭୟାବହ ହେବ, ଯାହା ମାନବ ସମାଜର ଇତିହାସରେ କେବେ ଘଟି ନଥିଲା ବୋଲି ପୁତିନ୍ ଚେତାବନୀ ଦେଇଛନ୍ତି । ରୁଷିଆ ଯୁଦ୍ଧର ପ୍ରଭାବ ଭାରତର ଶେୟାର ବଜାରଠାରୁ ଆରମ୍ଭ କରି ଆମେରିକା ସମେତ ବିଶ୍ୱର ଏକାଧିକ ୟୁରୋପୀୟ ରାଷ୍ଟ୍ରଙ୍କ ଅର୍ଥନୀତି ଉପରେ ପଡ଼ିବାକୁ ଆରମ୍ଭ କଲାଣି । ଷ୍ଟକ୍ ମାର୍କେଟ୍ରେ କାରବାର ବ୍ୟାହତ ହେବା ସହିତ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୦୪ ଡଲାର ବୃଦ୍ଧି ପାଇଛି । ରୁଷୀୟ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ଆଲୋଚନା କରିବାକୁ ଜାତିସଂଘ ସୁରକ୍ଷା ପରିଷଦ ଲଗାତର ଦୁଇ ଦିନ ଧରି ବୈଠକ କରିଥିଲେ ମଧ୍ୟ ଏହା ଘଟଣାର ସମାଧାନ ନିମନ୍ତେ ମସ୍କୋ ଏବଂ କିଏଭ ସିଧାସଳଖ ଦ୍ୱିପାକ୍ଷିକ ଆଲୋଚନା କରି ଏକ ସ୍ଥାୟୀ ପନ୍ଥା ନିର୍ଦ୍ଧାରଣ କରିବା ଭଳି କୌଣସି ଫଳପ୍ରଦ ଉପାୟ ବାହାର କରିପାରି ନାହିଁ । ସୁରକ୍ଷା ପରିଷଦରେ ଭାରତ ମସ୍କୋ ସହିତ ଏହାର ପ୍ରତିରକ୍ଷା ଏବଂ କୌଶଳପୂର୍ଣ୍ଣ ସମ୍ପର୍କକୁ ନଜରରେ ରଖି ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନର ନିନ୍ଦା କରିବାରୁ ପଛଘୁଞ୍ଚା ଦେଇଛି । ଭାରତ ଆହୁରି ମଧ୍ୟ କହିଛି ଯେ ରୁଷିଆ ଆନ୍ତର୍ଜାତିକ ଆଇନର ପରିସର ଭିତରକୁ ଫେରିବାର ଆବଶ୍ୟକତା ରହିଛି । ଏହାଠାରୁ ଅଧିକ ମଧ୍ୟ ଭାରତ । ତେବେ ଭାରତ ଏଯାବତ୍ କେବଳ ଚିରାଚରିତ ଢଙ୍ଗରେ ରୁଷିଆକୁ ଯୁଦ୍ଧର ମାର୍ଗରୁ ଓହରି ଆସିବାକୁ କହିବା ସହିତ ଯୁଦ୍ଧ ବନ୍ଦ କରା ନଗଲେ ଏହା ଏକ ବଡ଼ ଧରଣର ସଂକଟକୁ ଆମନ୍ତ୍ରଣ କରିବା କଥାକୁ ଦୋହରାଇବାରେ ଲାଗିଛି । ଭାରତ ସରକାର ଏଯାବତ୍ କରିଥିବା ପ୍ରଶଂସନୀୟ କାର୍ଯ୍ୟ ଭିତରେ ଅନ୍ତର୍ଭୁକ୍ତ ୟୁକ୍ରେନ୍‌ରେ ଥିବା ଭାରତୀୟମାନଙ୍କ ପାଇଁ ତିନିଗୋଟି ପରାମର୍ଶ ଜାରି କରିବା ତଥା ସେଠାରେ ଅଟକି ରହିଥିବା ଭାରତୀୟମାନଙ୍କର ଉଦ୍ଧାର ନିମିତ୍ତ ଉଦ୍ୟମ କରିବା । ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧର କାରଣ ନାଟୋରେ ୟୁକ୍ରେନ୍‌କୁ ସାମିଲ ହେବାରୁ ନିବର୍ତ୍ତାଇବା ରୁଷିଆ ବିଶ୍ୱର ପାଞ୍ଚଗୋଟି ଶ୍ରେଷ୍ଠ ସାମରିକ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ସମ୍ମୁଖରେ ୟୁକ୍ରେନ୍ କିଛି ନୁହେଁ କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଏହି ଯୁଦ୍ଧର ତୁରନ୍ତ ପରିସମାପ୍ତି ନହେଲେ ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ର ଯେ ମହାମାରୀ ସହିତ ଏହାର ପୀଡ଼ାକୁ ଭୋଗ କରିବେ, ସେଥିରେ ସନ୍ଦେହ ନାହିଁ । ନିଜର ସାମର୍ଥ୍ୟକୁ ଉପଯୋଗ କରି ଭାରତ ରୁଷିଆକୁ ଅଧୁନାତନ ମିନ୍‌ସ୍କ ରାଜିନାମାକୁ ଫେରାଇ ଆଣିବା ଦିଗରେ ଏକ ଭୂମିକା ଗ୍ରହଣ କରି ପାରିବ। ଏହା ପାଶ୍ଚାତ୍ୟ ୟୁରୋପୀୟ ଏବଂ ଆମେରିକା ସହିତ ଏକ ବିସ୍ତୃତ ରାଜନୀତିକ ବୁଝାମଣା ନିମନ୍ତେ ଏକ ସକ୍ଷମକାରୀ ମଧ୍ୟସ୍ଥି ସାବ୍ୟସ୍ତ ହୋଇ ପାରିବ । ଅପର ପକ୍ଷରେ, ଆମେରିକା ମଧ୍ୟ ନିଜର ଘରୋଇ ପରିସ୍ଥିତି ଏବଂ ଚୀନ୍ ସହିତ ଏହାର ଅସ୍ଥିର ସମ୍ପର୍କ ଦୃଷ୍ଟିରୁ ୟୁକ୍ରେନ୍‌ରେ ଭୟ ପ୍ରଦର୍ଶନ କରିବା ଭଳି ରାଜନୀତିକ ଆଭିମୁଖ୍ୟ ଆପଣାଇବା ସ୍ପୃହଣୀୟ ନୁହେଁ । ରୁଷିଆର ଏକମାତ୍ର ଲକ୍ଷ୍ୟ ହେଉଛି ୟୁକ୍ରେନ୍‌କୁ ନାଟୋରେ ସାମିଲ କରାଇ ନଦେବା ଆଉ ଏହାକୁ ହାସଲ କରିବା ପାଇଁ ସମ୍ପ୍ରତି ଚାଲିଛି ଯୁଦ୍ଧ । ଭାରତ ଏଭଳି ପରିସ୍ଥିତିରେ ନିଜର କୂଟନୀତିକ ସାମର୍ଥ ପ୍ରଦର୍ଶନ କରିବା ଉଚିତ୍ ।

# ରମଣ ପ୍ରଭାବ



**ବିପିନ ବିହାରୀ ମହାନ୍ତି**

ଭାରତରେ ୨୮ ଫେବୃୟାରୀ ଦିବସଟିକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳିତ ହୁଏ। ଏହା ଭାରତର ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡା. ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ସ୍ମୃତିଚାରଣ ଦିବସରୂପେ ସାଧାରଣତଃ ପାଳିତ ହୋଇ ଆସୁଛି। ଏହା ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ସମର୍ପିତ ଦିବସ। ସମଗ୍ର ଦେଶର ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଶୈକ୍ଷିକ ଅନୁଷ୍ଠାନ ତଥା ବୈଜ୍ଞାନିକ ଗବେଷଣା ଓ ତାଲିମ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ - ଅଧ୍ୟାପିକା ଏବଂ ଗବେଷକ-ଗବେଷିକାମାନଙ୍କ ଦ୍ୱାରା ସମ୍ମାନର ସହିତ ଏହା ପାଳନ କରାଯାଏ। ଏନେଇ ନାନା ଆଲୋଚନା, ଭାଷଣ ଏବଂ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୁଏ। ସଂବାଦପତ୍ର ବା ଗଣମାଧ୍ୟମରେ ତାଙ୍କ କୃତିତ୍ୱ ପାଇଁ ନାନା ଲେଖା ଏବଂ ଆଲୋଚନାମାନ ହୁଏ। ଡା. ଭେଙ୍କଟରମଣ ତାମିଲ ନାଡୁର ଆୟନ ପେଟାରେ ଜନ୍ମ ଲାଭ କରିଥିଲେ। ଶିକ୍ଷା ସମାପ୍ତିପରେ ତାଙ୍କର ଅଧ୍ୟାପନା ଏବଂ ବୈଜ୍ଞାନିକ ଜୀବନ ଆରମ୍ଭ ହୋଇଥିଲା। ସେ ୧୯୨୮ ଫେବୃୟାରୀ ୨୮ରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ 'ରମଣ ପ୍ରଭାବ' ଉପସ୍ଥାପନା କରିଥିଲେ ଯାହାକି ବିଶ୍ୱବାସୀଙ୍କ ଚମତ୍କୃତ ବା ହତ୍‌ଚମକ ସୃଷ୍ଟି କରାଇଥିଲା। ଚନ୍ଦ୍ରଶେଖର ଭେଙ୍କଟରମଣଙ୍କର ନାଁର ଶେଷ ଶବ୍ଦ ବା ସାଙ୍ଗିଆକୁ ନେଇ ଏ ସନ୍ଦର୍ଭର ନାମ ରଖାଯାଇଥିଲା 'ରମଣ ପ୍ରଭାବ'। ଏଥିପାଇଁ ରମଣଙ୍କୁ ୧୯୩୦ରେ ନୋବେଲ ପୁରସ୍କାର ମିଳିଥିଲା। ଭାରତ ତରଫରୁ ତାଙ୍କୁ ୧୯୫୪ରେ ବିଜ୍ଞାନରେ ପ୍ରଥମ 'ଭାରତରତ୍ନ' ଉପାଧି ବା ସମ୍ମାନରେ ମୁକୁଟ ମଣ୍ଡିତ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ୧୯୫୪ ମସିହାରେ ହିଁ ପ୍ରଥମ କରି ଭାରତର ତିନିଜଣ ବିଶିଷ୍ଟ ବ୍ୟକ୍ତି ଯଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ସି. ଭି. ରମଣ ଏବଂ ଚକ୍ରବର୍ତ୍ତୀ ରାଜଗୋପାଲଚାରୀଙ୍କୁ ଭାରତ ରତ୍ନ ଉପାଧି ଦିଆଯାଇଥିଲା। ଖାଲି ସେତିକି ନୁହେଁ 'ରୁଷିଆ ତରଫରୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ 'ଶାନ୍ତି' ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ଆଉ ଅନ୍ୟାନ୍ୟ ପୁରସ୍କାର କଥା କହିବା କ'ଣ? ତାଙ୍କୁ ନେଇ ଭାରତ ଗର୍ବିତ। ବିଶ୍ୱଦରବାରରେ ମଥୋନ୍ନତ। ଦୁଃଖ ଯେ ଆମେ ତାଙ୍କୁ ୧୯୭୦ ମସିହା ନଭେମ୍ବର ୨୧ ତାରିଖରେ ହରାଇ ବସିଲୁ।



'ରମଣ ପ୍ରଭାବ' କ'ଣ? ଏମିତିରେ ଏହାକୁ ବୁଝାଇ ନକହି ଏତିକି କହିଲେ ଯଥେଷ୍ଟ ହେବ ଯେ ଏହା ଏପରି ଏକ ଆଲୋକ ଭିତ୍ତିକ ବୈଜ୍ଞାନିକ ଉଦ୍ଭାବନ ଯାହାର ପ୍ରୟୋଗ ବହୁମୁଖୀ ଭାବେ ଯଥା ମହାକାଶବିଜ୍ଞାନ, ଜୈବବିଜ୍ଞାନ, ଜୈବ ପ୍ରଯୁକ୍ତି ବିଦ୍ୟା, ଭୌତିକ ବିଦ୍ୟା ଏବଂ ମଲିକୁଲାର ଜେନେଟିକସ୍ ଇତ୍ୟାଦି କ୍ଷେତ୍ରରେ ପ୍ରୟୋଗ ହୋଇ କଳ୍ପନାତୀତ ଉନ୍ନତି ଓ ପ୍ରଗତି ସୃଷ୍ଟି କରିପାରିଛି।

ଏକଥା ଜାଣିବା ଉଚିତ୍ ଯେ ପ୍ରତ୍ୟେକ ବିଦ୍ୟାର ଶାନ୍ତିପ୍ରିୟ ବିନିଯୋଗ ସହିତ ଧ୍ୱଂସକାରୀ ଶକ୍ତି ଅଛି। ଡକ୍ଟର ରମଣଙ୍କର ଏହି ରମଣ ପ୍ରଭାବକୁ ଏବେ କେତେକ ଖଳଲୋକ, ବୈଜ୍ଞାନିକ ବି ହୋଇପାରନ୍ତି, ଖଳ ଦେଶ ତଥା ରାଜନେତା ଏହାକୁ ସ୍ୱାର୍ଥ ସାଧନ ନିମନ୍ତେ ଧ୍ୱଂସକାରୀ ଶକ୍ତିରୂପେ ବ୍ୟବହାର ପାଇଁ ଅଣ୍ଟା ଭିଡ଼ିଲେଣି। ଏକଥା ଯଦି ହୁଏ, ଆମେ ଏ ମଣିଷ ଜାତି ମୃତ୍ୟୁ ଆଡ଼କୁ ଖୁବ୍ ଜୋରରେ ଦୌଡ଼ୁଛୁ ବୋଲି କହିବା। ପରମାଣୁ ବୋମାର ଉଦ୍ଭାବକ ଏଇନ୍‌ଷ୍ଟାଇନ ଯେତେବେଳେ ଜାପାନର ହିରୋସିମା ଓ ନାଗାସାକିର ଏହା ପ୍ରୟୋଗର ପରିଣତି ଦେଖିଲେ, ଦୁଃଖର ସହିତ କହିଲେ : ଯଦି ୩ୟ ବିଶ୍ୱଯୁଦ୍ଧ ହୁଏ, ପୃଥିବୀରୁ ମାନବ ସଭ୍ୟତା ଲୋପ ପାଇଯିବ।

ଏଣୁ ଆସନ୍ତୁ, ରମଣ ପ୍ରଭାବର ଶାନ୍ତିପୂର୍ଣ୍ଣ ବିନିଯୋଗ କରିବା ଏବଂ ରମଣଙ୍କ ପରି କିଛି କରି ଦେଖାଇଦେବା। କିଛି ନକରି ଖାଲି ସ୍ମୃତି ଚାରଣ କରିବାରେ କିଛି ମାନେ ନଥାଏ।


♥ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
ମୋ: ୯୯୩୮୩୪୧୩୮


# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



**ଅକ୍ଷୟ କୁମାର ରାଉତ**

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ, ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ, ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଇ, ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍ ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହୃଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ,



ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତ୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଲ ସାଏ, ମେଦିନୀ ସାଏ, ଭଉଣୀ ଅଞ୍ଜନା ।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ ।

ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ପୃଥିବୀ ଇତିହାସରେ ପୁଟିନ କଣ ଦ୍ୱିତୀୟ ହିଟଲର ଆଖ୍ୟା ଦେବେ?



**ସୁବ୍ରତ କର**

ଯେକୌଣସି ଲୋକଙ୍କ ଦୁଇଟି ଜିନିଷ ଉପରେ ପ୍ରଚୁର ଲୋଭ ଥାଏ । ଗୋଟାଏ ହେଲା ଧନ ସମ୍ପତ୍ତି ଏବଂ ଆରଟା ହେଲା କ୍ଷମତା । ଏହି ଦୁଇଟିକୁ ପାଇବା ପାଇଁ ଆମେ ଶେଷ ପର୍ଯ୍ୟନ୍ତ ଯାଇପାରୁ । ପୃଥିବୀରେ କେତେ ଗୋଡ଼ାଏ ଦେଶ ଅଛି ଯେଉଁମାନେ ଏକଛତ୍ର ଶାସନ ଚଳାଇଆସୁଛନ୍ତି । ତନ୍ମଧ୍ୟରୁ ଚାଇନା, ନର୍ଥ କୋରିଆ ଏବଂ ଏବେ ପଦାକୁ ଆସିଲା ରୁଷିଆ । ୟେହ ଦେଶମାନଙ୍କର ଶାସକ କଳେବଳେ କୌଶଳେ ସେମାନେ ସେମାନଙ୍କ ଗାଦିକୁ ନିଜର କରିନେଇଛନ୍ତି । ମରିଲା ପର୍ଯ୍ୟନ୍ତ ସେମାନେ ଗାଦିରେ ରହିବେ ଯେଉଁମାନଙ୍କ ପାଇଁ ଯେଉଁମାନଙ୍କ ଦ୍ୱାରା ଏହି ଗାଦିରେ ବସିଛନ୍ତି ସେମାନଙ୍କ ଭଲମନ୍ଦ ସବୁ ଭୁଲି ଯାଆନ୍ତି । ଭୁଲିଯାଆନ୍ତି ଯେ ସେମାନଙ୍କ କାର୍ଯ୍ୟକଳାପକୁ ମାପିବା ପାଇଁ କେହି ନାହାନ୍ତି । ଭୁଲି ଯାଆନ୍ତି ଯେ ସେମାନଙ୍କ ପାଇଁ ଅନ୍ତିମ ଦିନ ଏବଂ ସମୟ ଈଶ୍ୱର ଠିକ୍ କରି ରଖିଛନ୍ତି । ଯେଉଁ ମୁହୂର୍ତ୍ତରେ ସେ ସମସ୍ତ ଆସିବ, ଅର୍ଜିତ ସବୁ ସମ୍ପତ୍ତି ଏବଂ କ୍ଷମତାକୁ ଛାଡ଼ିବାକୁ ପଡ଼ିବ । ଏ ସବୁ ସମ୍ପତ୍ତି ଏବଂ କ୍ଷମତାକୁ ଛାଡ଼ିବାକୁ ପଡ଼ିବ । ଏସବୁ କ୍ଷଣସ୍ଥାୟୀ ଏବଂ କ୍ଷଣିକ । ଏବେ ଆସିବା ପୁଟିନ ବିଷୟରେ, ରୁଷିଆ ବିଷୟରେ ଏବଂ ୟୁକ୍ରେନ୍ ବି ସାଥିରେ ନେବା । ୟୁକ୍ରେନ୍ ଏକ ସ୍ୱାଧୀନ ଦେଶ ଏବଂ ସେ ଦେଶ କାହାର ସାହାଯ୍ୟ ନେବ, କାହା ସହିତ ରହିବ ଏହାକୁ କଣ ପୁଟିନ ଠିକ୍ କରିବେ? ଏହି ୟୁକ୍ରେନ୍ ପୂର୍ବରେ ୟୁ.ଏସ.ଏସ ଆରମ୍ଭ ଏକ ଅଂଶ ବିଶେଷ ଥିଲା । ସ୍ୱାଧୀନ ହେଲା ପରେ ବା ଅଲଗା ହେଲା ପରେ ସେ ନିଶ୍ଚିତ ଚେଷ୍ଟା କରିବ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ । ଏହା ସବୁ ଦେଶ ଚାହିଁବ ଏବଂ ଆମ ଦେଶ ମଧ୍ୟ । ଆମର ମୂଳରୁ ଠିକ୍ ଅଛି ଏହିସବୁ କ୍ଷେତ୍ରରେ ଆମ ଦେଶ କାହାପଟ ନେବ ନାହିଁ ଏବଂ ଯାହା ଠିକ୍ ମନେ ହେବ ସେଇଆ ହିଁ କରିବା ଉଚିତ । ଉପରିସ୍ଥ ଲେଖା ହୋଇଥିବା ବିଶ୍ୱର ତିନିଦେଶର ଶାସକଙ୍କର ଅନ୍ୟ ଦେଶ ଉପରେ ନଜର । ଏହା ଠିକ୍ ଏହି ତିନିଦେଶ କ୍ଷମତାବାନ୍ କିନ୍ତୁ ଏହାମାନେ ନୁହେଁ ହିଟଲରଗିରି କରିବେ । ବିଶ୍ୱ କେବେ ହିଟଲରକୁ ଭୁଲିପାରିବ ନାହିଁ । ଭଲରେ କେବେ ନୁହଁ, ମନ୍ଦରେ ନିଶ୍ଚୟ । ପ୍ରତି କଥାରେ ଆମେ ହିଟଲରକୁ ଉଦାହରଣରେ ବ୍ୟବହାର କରିଥାଉ । ଏହାପରେ ପୁଟିନ କଣ ଦ୍ୱିତୀୟ ବ୍ୟକ୍ତି ହେବେ ୮୦ ବର୍ଷ ପରେ । ଆମେ ଟିକିଏ ଦୋଷ କଲେ ବା କେହି ଯଦି କାହାକୁ ମାରିଦେଲା, ହାଣିଦେଲା, କାଟିଦେଲା ବିଚାର ପରେ ଫାଶି ପର୍ଯ୍ୟନ୍ତ ହେଉଛି । ଏହି ଲୋକଟି ଶହଶହ ନିରୀହ ଲୋକଙ୍କ ପ୍ରାଣ ନେବାରେ ବ୍ୟସ୍ତ ଜିଦ୍‌କୁ ରଖିବା ପାଇଁ । ଜିଦ୍‌କୁ ସମ୍ଭାଳି ରଖିବା ହେଉଛି ଏକ କ୍ଷମତାବାନ୍ ଲୋକର ଦାୟିତ୍ୱ । ଠିକ୍ ଅଛି, ୟୁକ୍ରେନ ଦୁର୍ବଳ ଦେଶ କିନ୍ତୁ ଈଶ୍ୱରଙ୍କ କ୍ଷମତାକୁ ପୁଟିନ ବୋଧହୁଏ ନିଜ ସ୍ନେହରେ ଠିକ୍ ଭାବରେ ମାପି ପାରି ନାହାନ୍ତି ଯେଉଥିପାଇଁ କି ସାରା ବିଶ୍ୱ ଗୋଟାଏ ପଟେ ଏବଂ ଅନ୍ୟପଟେ ରୁଷିଆ ଏବଂ ଚାଇନା । ଏ ପରିକି ପୁଟିନ୍‌ର ନିଜ ଦେଶରେ ଲୋକେ ରାସ୍ତାରେ ବାହାରିଛନ୍ତି ଏବଂ ପୁଟିନଙ୍କ ବିପକ୍ଷରେ । ସେମାନେ ମଧ୍ୟ ମନେ କରନ୍ତି ଏହା ଠିକ୍ କାମ ନୁହେଁ ଏବଂ ଏହା କରିବା ଉଚିତ ନୁହେଁ । କିନ୍ତୁ ପୁଟିନ ତାଙ୍କର ନେତା ହୋଇ ବୁଝି ପାରୁ ନାହାନ୍ତି ଯେ ସମସେସ୍ତ ଶାନ୍ତିରେ ବଞ୍ଚିବାକୁ ଚାହୁଁଛନ୍ତି ଏବଂ ବଞ୍ଚିବାକୁ ଦିଆଯିବା ଉଚିତ ।




## ସ୍ୱତନ୍ତ୍ର ବିଚାର

**ଯୋଗୀ କୃପାସିନ୍ଧୁ ମୁନି**



ମନ-ମନକୁ କର ବିଚାର
ନିଜେ ନିଜକୁ ହିତୁପଚାର ।ଘୋଷା ।

ନାହିଁ ନମିଳେ ଯାର ଖବର
ଗୋଚର ତାହାକୁ ନୁହଇ ଯେକରି
ସେ ତୋର ଗଳାର ହାର ।

ସମୟନୁସାରେ ସ୍ୱତନ୍ତ୍ର ବିଚାରେ
ଭିତରେ ବାହାରେ ଅଦୃଶ୍ୟ ପଥରେ
ଅନନ୍ତ ଶକତି ଯାର ।

ଭାବନାର ବଳେ ଭାବକୁ ସଞ୍ଚରେ
ବିନୟ ଅନ୍ତରେ ନମ୍ରତା ଚିତ୍ତରେ
ଗତିପଥ ନିର୍ବିକାର ।

ମନନ ଚିନ୍ତନ ମୁନିର କରମ
ତେଜିକୁ ସସ୍କାର ଆତ୍ମଜ୍ଞାନଯାର
ସତ୍ୟର ପ୍ରତିଷ୍ଠା ତାର ।

ବିନ୍ଦୁ ବିନ୍ଦୁରେ ହିଁ ପ୍ରକାଶଇ ସିନ୍ଧୁ
ସୃଷ୍ଟି ସ୍ଥିତିଲୟ ଯା କରୁଣାଇନ୍ଦୁ
ଭବ ସଂସାରୁ ଉଦ୍ଧାର ।

କହେ କୃପାସିନ୍ଧୁ ଭାଇ
ସ୍ୱତନ୍ତ୍ର ବିଚାରେ ରହି
ଗୁରୁବାଣୀ କରେ ସାର ।


♥ ଜୁଣବଳଦା, ଗୋଡ଼ିଖାଲ
ଆଶ୍ରମ, ବାଲେଶ୍ୱର


## ବସନ୍ତ ଆଗମନେ

**ସୁଭାଷ ଚନ୍ଦ୍ର ଭୂତିଆ**



ପଚାରିଲି ଦିନେ ଫୁଲକୁ
କାହିଁକି ବାସ ଚହଟାଇ
ଦେଖାଉ ସୁନ୍ଦର ମୁଖକୁ ।

ପଚାରିଲି ଦେଖି ପବନକୁ
କାହିଁକି ମନ୍ଦ ମନ୍ଦ ବହି
ଉନ୍ମାଦନା ଆଣୁ ଦେହକୁ ।

ପଚାରିଲି କୋଇଲିଟାକୁ
କାହିଁକି ସଙ୍ଗୀତର ମୂର୍ଚ୍ଛନାରେ
ହଜାଇଦେଉ ତୁ ନିଜକୁ ।

ପଚାରିଲି ଭାବୁକକୁ
କାହିଁକି ପ୍ରଖର ଭାବନାରେ
ଖଟାଉଛ ଏ କଲମକୁ ।

ପଚାରିଲି ଆକାଶକୁ
କାହିଁକି ଦେଉଛ ଦୁନିଆଁରେ
ସ୍ୱଚ୍ଛତାର ଏ ପରୀକ୍ଷାକୁ ।

ପଚାରିଲି ମେଦିନୀ କୁ
କାହିଁକି ରଙ୍ଗ ବେରଙ୍ଗରେ
ସଜାଉଛୁ ତୋ ରୂପଟାକୁ ।

ସମସ୍ତେ କହିଲେ ଦମ୍ଭେ
କାହିଁକି ନା ଆମେ ଚାହିଁଛୁ
ଋତୁରାଜ ସେ ବସନ୍ତକୁ ।


ଡିହଡୋଳ, ପରଜଙ୍ଗ,
ଢେଙ୍କାନାଳ


## ଆହେ ଗଙ୍ଗାଧର

**ରାମ ଚନ୍ଦ୍ର ପ୍ରଧାନ**



ଆହେ ଗଙ୍ଗାଧର ପାର୍ବତୀଙ୍କ ପତି
ହେ ପ୍ରଭୁ ପରମେଶ୍ୱର
ଦୁଃଖ ମୋ ଜଣାଏ କରୁଣା କର ହେ
ଜଟାଧାରୀ ମହେଶ୍ୱର ।
ହେ ଚନ୍ଦ୍ରଶେଖର ହେ ଧବଳେଶ୍ୱର
ଢାଳ ହେ ଆଶିଷ ଝର
ତୁମେ ମୋ ଭରସା ତୁମେମୋ ବିଶ୍ୱାସ
ହେ ପ୍ରଭୁ ଶିବ ଶଙ୍କର ।
ତୁମେ ହିଁ ସୁନ୍ଦର ତୁମେ ହିଁ ବିଲୟ
ତୁମେ ହିଁ ସଦା ବିସ୍ମୟ
ଭକତିରେ ତୁମେ ଶକତିରେ ତୁମେ
ତୁମେ ହିଁ ନମଃ ଶିବାୟ ।
ରଖ ଯଦି ତୁମେ ମାରିବେନି କେହି
ତୁମେ ମୋ ସାରା ସଂସାର
ହେ ସୃଷ୍ଟି ରକ୍ଷକ ଜଗତ ଈଶ୍ୱର
ଚରଣେ କୋଟି ଜୁହାର ।
ହେ ଡମ୍ବରୁଧର ଆହେ ଆଶୁତୋଷ
ପଶୁପତି ନାଗେଶ୍ୱର
ହେ ଶିବ ସୁନ୍ଦର ଆହେ ମହାଦେବ
ଉମାପତି ଭୋଳେଶ୍ୱର ।
ଆହେ ନୀଳକଣ୍ଠ ତୁମେ ତ ସର୍ବତ୍ର
ବିଶ୍ୱମ୍ଭର ବିଶ୍ୱନାଥ
ତୁମେ ନଟରାଜ ଓଁ ମହାରୁଦ୍ରାୟ
ବେଲେଶ୍ୱର କାଶୀନାଥ ।
ରକ୍ଷାକର ପ୍ରଭୁ ତ୍ରିଶୂଳ ନିକ୍ଷେପି
ନ ରହୁ ପାପୀଙ୍କ ଭୟ
ଅକ୍ଷୟ ହେଉ ଏ ପୁଣ୍ୟର ଜଗତ
ଧରମ ର ହେଉ ଜୟ ।


♥ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬


## ଫଗୁଣ ଗୋ ତୁମେ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ଫଗୁଣ ଗୋ ତୁମେ ମନ୍ଦ ମଳୟ
ମତୁଆଲା ଜହ୍ନରାତି
ଏକଲା ପଣର ଚୁନା ଚୁନା ସ୍ମୃତି
ମଧୁର ବିରହ ଗୀତି।

ମନ ମୁକୁରରେ ଆଙ୍କିଛି ମୁଁ ଛବି
ହାତରେ ମୋ ରଙ୍ଗ ତୁଳୀ
ଫୁଲରୁ ଆଣିଛି ଆଞ୍ଜୁଳେ ମହକ
ତୋ କୁନ୍ତଳେ ଦେବି ବୋଲି।
ଆୟୁଷକୁ ମୋର ବାନ୍ଧାପକାଇ
ସାଇତିଛି ତୁମ ପ୍ରୀତି
ଫଗୁଣ ଗୋ ତୁମେ.....।

ନୀଳ ଦରିଆରେ ପଖାଳି ଦେଇଛି
ଏ ମନର ନୀଳ ତୃଷ୍ଣା
ସଜ ଶାମୁକାରେ ସାଇତି ରଖିଛି
ତୁମ ଦେହଲଗା ବାସ୍ନା।
ମହାମୋହେ ଦେହ ଶିହରି ଉଠୁଛି
ତୁମେ ମୋ ଇପ୍ସିତ ମୋତି
ଫଗୁଣ ଗୋ ତୁମେ.....।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦




ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୮ ଫେବୃଆରୀ, ସୋମବାର, ୨୦୨୨

# ମାୟାରେ ବାୟା



## ସିଦ୍ଧି ପ୍ରସାଦ ସାହୁ

ଏ ଯୋଗୀ ପୁଅ,ଏଠାକୁ ଆସିଲୁ । ଆଉ ଥରେ ତୋର ସେ ଗୀତ,'ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା କାଠି, ମନବୋଧ ଚଉତିଶାକୁ ଗାଇଲୁ । 'ଏତିକି କହି ନିଜର ବାଘୁଆ ନିଶ ହଳକୁ ସଜାଡି ଦେଇ, ପ୍ଲାଷ୍ଟିକ ଚୌକିରୁ ଧଳା ଧଳା କାତିଆ ଛାଡି ପଡୁଥିବା ପ୍ଲାଷ୍ଟିକ ଚୌକିଟିକୁ ସଜାଡି ଦେଇ ବସିପଡିଲେ ଅମରେନ୍ଦ୍ର ବାବୁ । ଯୋଗୀ ପୁଅ ବି ଖୁସିରେ ଗାଇଚାଲିଲେ ମନବୋଧ ଚଉତିଶାର ଅ ଠାରୁ କ୍ଷ ପର୍ଯ୍ୟନ୍ତ ସମସ୍ତ ପଦକୁ । ଯୋଗୀ ପୁଅ ଯେତିକି ଯେତିକି ଆନନ୍ଦରେ କେନ୍ଦେରା ବଜାଇ ମନବୋଧ ଚଉତିଶାକୁ ଗାଉଥାଏ ଅମରେନ୍ଦ୍ର ବାବୁଙ୍କ ଆଖିରୁ ସେତିକି ସେତିକି ଲୁହ ଧାର ଗୁଡାକ ବହିଯାଉଥାଏ।

ଯୋଗୀପୁଅ ଆନନ୍ଦିତ ହେବା ଓ ଅମରେନ୍ଦ୍ର ବାବୁଙ୍କ ଆଖିରୁ ଅମାନିଆ ଲୁହ ଗୁଡାକ ତଳକୁ ତଳକୁ ଝରିଆସିବାର କାରଣ ଆମକୁ ଜଣାନଥିଲେ ମଧ ସେ ଦୁଇ ଜଣଙ୍କୁ ବେଶ ଜଣା । ଯୋଗୀ ପୁଅ ଭାବୁଥାଏ ଆଜି ମୁ ଉପଯୁକ୍ତ ପାଇଛି ଓ ପାଇବି। ବାବୁଙ୍କର ଆଖିରୁ ଲୁହ ଗୁଡାକ ଯେତିକି ଝରୁଥାଏ ସେତିକି ସେତିକି ଯୋଗୀପୁଅ ପୁରସ୍କାର ପାଉଛି ବୋଲି ଭାବୁଥାଏ। କାରଣ ଯୋଗୀପୁଅ ଭାବୁଥାଏ, 'ମୋର କଣ୍ଠ ଓ କେନ୍ଦେରାର ଯାଦୁରେ ବାବୁ କାନ୍ଦୁଛନ୍ତି ଓ ପାଇବି ଆଶାଟା ହେଉଛି 'ମନବୋଧ ଚଉତିଶାର ଗୀତଟି ଶେଷ ହେଲେ, 'ମୋର ଥାଳ ପରିପୂର୍ଣ୍ଣ ହୋଇଯିବ ଓ ବାବୁଙ୍କର ଘରେ ସୁମିଷ୍ଟ ଭୋଜନଟିଏ ହେବ।

କିନ୍ତୁ ସେସବୁ କିଛି ହେଲାନାହିଁ। ଯୋଗୀପୁଅର କଣ୍ଠସ୍ୱର ସହିତ କେନ୍ଦେରାରୁ ନିର୍ଗତ ଝଙ୍କାର ମଧ କମିଗଲା । କିଛି ସମୟ ପର୍ଯ୍ୟନ୍ତ ନୀରବ ରହିଲା ପରେ ଅମରେନ୍ଦ୍ର ବାବୁ କହିଲେ, 'ଯୋଗୀପୁଅ ତୁମକୁ ଉପହାର ଦେବାପାଇଁ ମୋ ପାଖରେ କିଛିନାହିଁ। ମୁଁ ଆଜି ନିଃସ୍ୱ। ଏକ ଅଲୋଡ଼ା ଅଚଳନ୍ତି ମୁଦ୍ରାଟିଏ।'

ଯୋଗୀପୁଅ ବାବୁଙ୍କ ଦୁଃଖରେ ସମବେଦନା ଜଣାଇ କହିଲେ, 'କିଛିନାହିଁ ଆଜ୍ଞା, ଆମେ ତ ଯୋଗୀଲୋକ । ଏହି ଲାଉତୁମ୍ବା ହେଉଛି ଆମର ପାତ୍ର। ଲୋକମାନଙ୍କୁ ଏହିପରି ଟୀକା ଗୋବିନ୍ଦଚନ୍ଦ୍ର ଓ ମନବୋଧ ଚଉତିଶାର ଧାର୍ମିକ ତତ୍ତ୍ୱ ଶୁଣାଇ, ଯଦିକିଛି ପାଉ ତେବେ ସେଥିରେ ଚଳିଯାଉ। ବାଟରେ ଯଦିକେହି ବୁଭୁକ୍ଷୁ ଜନତା ଦେଖୁ ସେହି ଲାଉତୁମ୍ବାରେ ଥିବା ଖାଦ୍ୟକୁ ମଧ କିଛି ପ୍ରଦାନ କରୁ। ଯାହା ଖାଇଥିବ ପେଟକୁ, ଯାହା ରଖିଥିବ ଅଣ୍ଟକୁ ।'

ଏହାର ଅର୍ଥ ବୁଝିବାକୁ ଯାଇ ଅମରେନ୍ଦ୍ର ବାବୁ ଯୋଗୀପୁଅକୁ ପଚାରିବାରୁ ଯୋଗୀପୁଅ କହିଲେ, 'ତୁମେ ଯାହା ଖାଇବ କେବଳ ପେଟକୁ ଖାଇବ। ଖାଇସାରି ତାପର ଦିନ ଝାଡା ଫେରିଦେବ, ଯାହା ସଞ୍ଚୟ କରି ରଖିଥିବ ସେ ସବୁ ପରଖାଇବେ।' ଅମରେନ୍ଦ୍ର ବାବୁ ପଚାରିଲେ, ' ନିଜ ପୁଅ, ସ୍ତ୍ରୀ କଣ ପର । 'ଯୋଗୀପୁଅ ଟିକେ ହସିଦେଇ କହିଲେ, 'ସେମାନେ ବେଶୀ ପର। ପାଉଥିବା ପର୍ଯ୍ୟନ୍ତ ସ୍ନେହ ଆଦର । ମହୁମାଛି ପରି ମହୁ ସଞ୍ଚୟ କରି ରଖିଥିବ, ଅନ୍ୟମାନେ ଭୋଗ କରିବେ । କେହିନୁହେଁ କାହାର, ଧର୍ମ ଏକା ତୁମର।'

ଏତିକି କଥାରେ କଇଁ କଇଁ ହୋଇ କାନ୍ଦି ଉଠିଲେ ଅମରେନ୍ଦ୍ର ବାବୁ। ଯୋଗୀପୁଅ ପ୍ରବୋଧନ ଦେଇ କହିଲେ,'ଥାଉ ଧରନ୍ତୁ ଆଜ୍ଞା। ଯଦି ଆପଣଙ୍କୁ ବାଧିଲା ତେବେ ମୁଁ ଦୁଃଖିତ।' ଏତିକିକହି ଯୋଗୀପୁଅ ତା ବାଟରେ ଚାଲିଗଲା ।

ଯାହା ରଖିଥିବ ଅଂଟକୁ-------। ଏହି କେତେଟା ଶବ୍ଦ ଅମରେନ୍ଦ୍ର ବାବୁଙ୍କୁ ଦଶବର୍ଷ ତଳର ଘଟଣାବଳୀକୁ ମନେପକାଇ ଏପରି ବ୍ୟଥିତ କରିପକାଇଲା ଯେ ମୁହଁଟାକୁ ତଳକୁ କରି ଅତୀତ ରାଜ୍ୟରେ ଭାସିଗଲେ । ପୋଲିସ ବିଭାଗରେ ଅଫିସର ଥିଲେ । ମୋଟା ଅଙ୍କରେ ଦରମା ପାଉଥିଲେ। ଦୁଇ ତିନୋଟି ଗୃହରକ୍ଷୀ ବଙ୍ଗଳା କାମରେ ଲାଗିଥାନ୍ତି । ମାଡାମ କିନ୍ତୁ ବେଶୀ ଅର୍ଥଲୋଭୀ ଥିଲେ । ବାବୁଙ୍କୁ ପ୍ରବର୍ତ୍ତାଇଲେ ଅଧିକ ଅର୍ଥ ଉପାର୍ଜନ ପାଇଁ । 'କାନିରେ ଶୁଏ, କାନରେ କହେ, ତା କଥା କି ଅନ୍ୟଥା ହୁଏ।' ମୋଟା ଦରମା ପାଉଥିଲେ ଅସାମାଜିକ ଲୋକଙ୍କୁ ବାନ୍ଧିବା ପାଇଁ। ଯେଉଁ ହାତରେ ସେମାନଙ୍କୁ ବାନ୍ଧିଥାନ୍ତେ, ସେହି ହାତରେ ଲାଂଚ ଖାଇ ସେମାନଙ୍କୁ ଛାଡିଦେଲେ । ଏତେ ଟଙ୍କା କଣ କରିବେ ? ସ୍ତ୍ରୀଙ୍କ କଥାରେ ପଡି ଓଡ଼ିଶାର ସବୁ ମହାନଗର ମାନଙ୍କରେ ଫ୍ଲାଟ କିଣିଲେ, ଜାଗା କିଣିଲେ, ଦୁଇ ତିନି ଲକ୍ଷ ଟଙ୍କାର ବିଦେଶୀ କୁକୁର କିଣିଲେ, ତିନି ଚାରୋଟି ବିଏମଡବ୍ଲ୍ୟୁ କାର କିଣିଲେ । ସୁନା ଏତେ କିଣିଲେ ଯେ ମାଡ଼ାମ ଦିନେ ଦିନେ ସୁନା ବେଶ ହୋଇ ଡ୍ରେସିଂ ଟେବୁଲ ସାମ୍ନାରେ ବସି ନିଜକୁ ବିଭିନ୍ନ ଢଙ୍ଗରେ ଦେଖନ୍ତି । ଯାହାକୁ କି କୁହାଯାଏ ଚଳଣିଟି ସତେ ଯେମିତି ମୋଗଲ ସମ୍ରାଟ ବାଦଶାହା ।

ସବୁଦିନ ସମାନ ଯାଏନାହିଁ । ଚାକିରି ଆଉ ଦୁଇବର୍ଷ ଥାଏ। ଦିନେ ସକାଳ ପାଞ୍ଚ ଟାରେ କଲିଙ୍ଗ ବେଲ ଶବ୍ଦରେ ଅମରେନ୍ଦ୍ର ବାବୁଙ୍କର ନିଦ ଭାଙ୍ଗିଗଲା। ବାବୁ ହାତରେ ଏକ ବ୍ୟାଗ ଧରି ତରତର ହୋଇ କବାଟ ଖୋଲିବାକୁ ଚାଲିଗଲେ । କାରଣ ସେ ସମୟଟା ହେଉଛି ସେମାନଙ୍କ ଆସିବା ସମୟ, ଯେଉଁ ସମୟରେ କି ବାବୁ ଖାଲି ବ୍ୟାଗଟା ଦେଖାଇ ଦିଅନ୍ତି ଓ ସେମାନେ ଟଙ୍କା ବିଡା କେତେଟା ବ୍ୟାଗରେ ପକାଇ ଦେଇ ଚାଲିଯାନ୍ତି । କବାଟ ଖୋଲି ଦେଉ ଦେଉ ସେଦିନ କିନ୍ତୁ ଅମରେନ୍ଦ୍ର ବାବୁ ଯାହାଦେଖିଲେ ସେଥିରେ ସତେ ଯେପରି ତାଙ୍କ ପାଦତଳୁ ମାଟି ଖସିଯାଉଛି । ନିଜତ ପରିଚୟ ପତ୍ର ଦେଖାଇ ଘରଭିତରକୁ ଧସେଇ ପଶିଗଲେ ସିବିଆଇ ଟିମ । କିଲୋ କିଲୋ ସୁନାଗହଣା, ଥାକଥାକ ଟଙ୍କା ବିଡା, ନେନ୍ତା ନେନ୍ତା ପାସବୁକ, ପୁଳାଏ ଜମି ପଟ୍ଟା ସବୁ ଅଫିସର ମାନେ ଆଣି ଡ୍ରଇଂ ରୁମରେ ପକାଇ ଦେଉଥାନ୍ତି । ଟିଭିରେ ରୁଲିଂ ଚାଲୁଥାଏ ଅମରେନ୍ଦ୍ର ବାବୁଙ୍କର ବିଭିନ୍ନ ସହରରେ ଥିବା ଅମରାପୁରର ବିବରଣୀ। ଦର୍ଶକଗଣ ପାଟି ଆପେ ମେଳା ହୋଇଯାଉଥାଏ ।

ଅମରେନ୍ଦ୍ର ବାବୁଙ୍କ ହାତରେ ହାତକଡୀ ପିନ୍ଧାଇ ସିବିଆଇ ଅଫିସର ମାନେ ନେଇ ଚୌଦ୍ୱାର ଜେଲରେ ରଖିଦେଲେ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଚାକିରୀ ଗଲା, ଗଛିତ ସମ୍ପତ୍ତି ଗଲା ଓ ଭବିଷ୍ୟନିଧି ପାଣ୍ଠି ମଧଗଲା । ଯେଉଁ ପେନସନରେ ଅବସର ସମୟ ଚାକିରିଆ ମାନଙ୍କର ସୁଖରେ କଟେ, ସେତକ ମଧ ମିଳିଲା ନାହିଁ।

ଜେଲରୁ ଫେରି ପରିବାର ଧରି ଗାଁକୁ ଫେରିଲେ ଅମରେନ୍ଦ୍ର ବାବୁ। ବୋହୁ ବଡ଼ ଘରର। ପୁଅ ବାଧ ହୋଇ କୌଣସି ଏକ ଛୋଟ କମ୍ପାନୀ ରେ ଚାକିରୀ କଲା। କିଛିଦିନ ସମସ୍ତେ ଅମରେନ୍ଦ୍ର ବାବୁଙ୍କୁ ସାନ୍ତ୍ୱନା ଦେଲେ। ଘରେ ଆର୍ଥିକ ଅନଟନ ଦେଖାଦେଲା। ଚାଲିଲା ପରସ୍ପରର ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପ। କ୍ରମେ କ୍ରମେ ଏହା ବିକଟାଳ ରୂପ ଧାରଣ କଲା।

ଏମିତି କେତେକଣ ସେହି ଅତୀତ ସ୍ମୃତିରେ ଭାସିଚଳିଥାନ୍ତି ଅମରେନ୍ଦ୍ର ବାବୁ। ମଝିରେ ମଝିରେ ଲୁହ ଗୁଡାକ ତଳକୁ ଖସି ପଡୁଥାଏ। ସକାଳୁ କିଛି ଖାଇନାହାନ୍ତି ଅମରେନ୍ଦ୍ର ବାବୁ। ହଠାତ କାହାର କର୍କଶ ସ୍ୱରରେ ଅମରେନ୍ଦ୍ର ବାବୁଙ୍କର ଦୁଃଖଦ ସ୍ମୃତିରେ ଭଙ୍ଗା ପଡିଗଲା। ମୁହଁ ଉପରକୁ ଉଠାଇଲା ବେଳକୁ ବୋହୁ କହୁଥିଲେ,'ଆସ ଖାଇବ, ଯେଉଁ କର୍ମ କରିଛ ତ ଶୁଣିଲେ ଲାଜ ଲାଗୁଛି। ଏଣେ ବାଦଶାହା ପରି ଚୌକିରେ ବସିଛ।' ସେଦିନ ଟିଭିରେ ଶୁଣିଥିଲେ ବାଦଶାହା ଶବ୍ଦ ଘର ଖାନତଲାସୀ ବେଳେ, ଆଜି ପୁଣି ସେହି ଶବ୍ଦ।

କଥାଟା ମର୍ମଭେଦୀ ହୋଇଗଲା ଅମରେନ୍ଦ୍ର ବାବୁଙ୍କର। ମନେ ପଡିଗଲା ଯୋଗୀପୁଅ କଥା। ପୁଣି ଆଖିରୁ ଲୁହ ଲୁହ ଆସିଗଲା। ଚୌକିରୁ ଛିଡା ହେଲେ ଅମରେନ୍ଦ୍ର ବାବୁ। ଯେଉଁମାନଙ୍କୁ ସୁନା ଦୋଳିରେ ଝୁଲାଉଥିଲେ, ଯେଉଁମାନଙ୍କୁ ପ୍ରାଚୁର୍ଯ୍ୟରେ ରଖାଇବା ପାଇଁ ଏତେ ଫନ୍ଦିଫିକର କରୁଥିଲି ସେମାନେ ଆଜି ସାତପର ପରି ବ୍ୟବହାର ଦେଖାଉଛନ୍ତି । ସତରେ ଏସବୁ ମାୟା ।

ଏକା ମୁହଁରେ ଚାଲିଥାନ୍ତି ଅମରେନ୍ଦ୍ର ବାବୁ। କେହି ଜଣେ ପଛ ଆଡୁ ଅମରେନ୍ଦ୍ର ବାବୁଙ୍କୁ ଦେଖାଇ କହୁଥାଏ, 'କର୍ମଟି ସୁଖ ଦୁଃଖ ଦାତା, ବିଶ୍ୱ ସଂସାରେ ବଳବନ୍ତା ।' ଲୁହରେ ଜାଲିମା ଦେଖାଯାଉଥିବା ରାସ୍ତ ଉପରେ ଏକ କୁକୁର ଉପରେ ଗୋଡ଼ ପକାଇଦେଲେ ଅମରେନ୍ଦ୍ର ବାବୁ। କୁକୁରର କାଇଁ କାଇଁ ଶବ୍ଦ ଅମରେନ୍ଦ୍ର ବାବୁଙ୍କୁ ଲାଗୁଥିଲା ସତେଯେପରି ସେ କୁକୁର କହୁଛି, 'ଏ ଲାଞ୍ଜୁଆ, ଠିକରେ ରାସ୍ତାରେ ଚାଲ।'

ଏହିପରି ଚାଲି ଚାଲି ଅମରେନ୍ଦ୍ର ବାବୁ କେତେବେଳେ ଘରଠାରୁ ଦୁଇ କିଲୋମିଟର ଦୂର ରେଳ ରାସ୍ତା ଉପରକୁ ଚାଲିଗଲେଣି ଧ୍ୟାନ ନାହିଁ। ମନେ ମନେ ଭାବୁଥାନ୍ତି, 'ସତରେ ଟଙ୍କା ପଛରେ ଗୋଡ଼ାଇଲେ କେତେବେଳେ ଯେ ଟଙ୍କା ରୂପି ଘୋଡାର ଲାତ ଖାଇ ମୁଣ୍ଡ ଫାଟି ମରିବ ଠିକ ନାହିଁ। ମୁଁ ହେଲେ କିପରି ମରିଯାଆନ୍ତି ଯେ ଏ ଦୁର୍ନାମରୁ ତରିଯାଆନ୍ତି। ସତକୁ ସତ ଦ୍ରୁତଗାମୀ ଟ୍ରେନଟା ଆସି ଅମରେନ୍ଦ୍ର ବାବୁଙ୍କୁ ସବୁଦିନ ପାଇଁ ଲାଞ୍ଜୁଆ ବିଶେଷଣରୁ ମୁକ୍ତ କରିଦେଲା। ଅବଶ୍ୟ ଦ୍ରୁତଗାମୀ ଟ୍ରେନର ଭୀମଗର୍ଜନରେ ଅମରେନ୍ଦ୍ର ବାବୁଙ୍କର ଶେଷ ଫଂକ୍ତିଟି,'ସବୁ ମାୟାରେ ବାୟା' କେଉଁଆଡ଼େ ଅଦୃଶ୍ୟ ହୋଇଯାଇଥିଲା।

# ବାପା





## ଦୁଷ୍ମନ୍ତ ବେହେରା

ଆମ ଘର ଗାଁରେ ଆମ ପରିବାର ମଧ୍ୟ ଗାଁରେ ରହନ୍ତି। ଆମ ଗାଁ ପାହାଡ ସବୁଜ ବଣ ଭିତରେ ସୌନ୍ଦର୍ଯ୍ୟର ମାଧୁର୍ଯ୍ୟରେ ଛୋଟିଆ ଝରଣାଟିଏ ବୋହି ଯାଇଛି। ସୁନ୍ଦର ଯେତିକି ଆମ ଗାଁ ମନହରା ବି ସେତିକି ।

ଆମ ପରିବାର କହିଲେ ଜେଜେବାପା, ଯେତେବେଳେ 'ମା' ବାପା 'ମା' ଆମେ ଦୁଇ ଭାଇ ଗୋଟିଏ ଭଉଣୀ। ଅଭାବ ଅନଟନ ଆମ ଚାଳ ଘରଟି ଚାଳଛପର ଚାରିକାନ୍ଥ ଭିତରେ ଦୁଃଖ ଭରା ସ୍ୱପ୍ନ ଅପେକ୍ଷା କରିଛି ସ୍ୱପ୍ନ ମରିଚିକା ଜୀବନ କେମିତି ବଞ୍ଚିବ। ଜୀବନ ବଞ୍ଚିଲା ବେଳକୁ ଅନେକ ସ୍ୱପ୍ନ ଭାଙ୍ଗି ଯାଉଛି ...

ଜୀବନ ଲାଳସାରେ
ଛନ୍ଦି ହୋଇ
ଦୁଃଖ ଗୁଡାକ କହିଦିଏ
ଏ ଦୁଃଖ ନୁହଁତ
ଦୁଃଖର ନଈ ....

ବାପା ଆମର ଅନ୍ୟ ପାଖରେ ମୂଲ ଲାଗି କିଛି ପଇସା ଘରକୁ ଆଣନ୍ତି । କିନ୍ତୁ ଘର ଚଳିବା ଭାରି କଷ୍ଟ। ଏଣେ ବାପାଙ୍କ ମୁଣ୍ଡରେ ଆମେ ଛଅ ଜଣ ବୋଝ ସେଇ ବୋଝ ମଧ୍ୟରେ ବାପା ଆମକୁ ଅନେକ ସମୟରେ ଦୁଃଖ ଜଣାଇବାକୁ ଦିଅନ୍ତି ନାହିଁ।

ଆମ ଭାତ ହାଣ୍ଡିରେ କମ୍ ଭାତ ଥିଲେ ବାପା କହନ୍ତି ଆସ ସମସ୍ତେ ମିଳିମିଶି ଖାଇବା ତୋରାଣି ସାଙ୍ଗେ ଭାତ ଯୋଡିଏ ଯୋଡିଏ ।

ଆମ ପରିବାର ମିଳାମିଶା ଏବଂ ଭଲପାଇବା ବାପାଙ୍କ ଆଦେଶ ଏପରି ଆମକୁ ଅନେକ ଶିକ୍ଷାର ବାଟ ଦେଉଥିଲା.....

ଦୁଃଖ ମଣିଷକୁ
କଷ୍ଟ ଦିଏନା
ଦୁଃଖ କିଛି
ଶିକ୍ଷା ଦେଇଯାଏ
ବଞ୍ଚିବାର ଆଶା
ମନରେ ଜନ୍ମେ
ଆଗକୁ ବଢିବାର
ରାସ୍ତା ଦେଖାଏ ...

ମୁଁ ବଡ ଦୁଷ୍ଟଥିଲି ପାଠ ଅପେକ୍ଷା ଖେଳରେ ମନ ଦିଏ। ଭୁଲ୍ କରିବା ଦେଖିଲେ ବାପା ମୋତେ ଶାସନ କରନ୍ତି। ଦିନେ ମୁଁ ପାଠ ବଦଳରେ ଘରେ ମା ପିଠି ଉପରେ ଲାଉ ହେଇ ଝୁଲୁଥାଏ ।

ବାପା ଏଇ ସମୟରେ ଘରେ ପହଞ୍ଚିଲେ ମୋତେ ଦେଖି କହିଲେ ଆରେ 'ପାଦପଦ୍ମ ପାଠ ପଢୁଚୁନା 'ମା' ସାଙ୍ଗରେ ଗେଲ ହଉଚୁ ତୁ ପାଠ କରି ସାରିଲୁଣି ନା ନାହିଁ । ଖାତାଟା ଆଣେ ତ ମୁଁ ଦେଖେ। ଆରେ ହଁ ତ ତୁ କିଛି ଖାତାରେ ପାଠ କରିନାହୁଁ ତାହାଲେ ତୁ ଚୌକିବସ।

ବାପାଙ୍କର ଶାସନ ମୁଣ୍ଡପାତି ସହିଯାଏ। ବଡ ମଜାବି ଲାଗେ। କିନ୍ତୁ ମୋ 'ମା' ଆଗରେ କହନ୍ତି ଆଜି ମୋ ପୁଅକୁ କଷ୍ଟ ହୋଇଥିବ। ଆମ ଶୋଇବା ଘର ଭିତରେ ଏ କଥା ଗୁଡିକ ମୁଁ ଶୁଣୁଥାଏ । କିନ୍ତୁ ବାପାଙ୍କ ଆକଟ ମୋ ପାଇଁ କିଛି ପ୍ରେରଣା ଦେଉଥାଏ ।

ଗୋଟିଏ ଦିନ ମୁଁ ମୋ ସାଙ୍ଗମାନଙ୍କ ସହ ଖେଳୁଥାଏ । ସେହି ବାଟ ଦେଇ ବାପା ଯାଉଥିଲେ । ମୋ ସାଙ୍ଗ ମାନଙ୍କର ଭଲ ପୋଷାକ ଦେଖି ମୁଁ ପିନ୍ଧି ଥିବା ପୋଷାକ ଟିକେ ଚିରି ଯାଇଥିଲା। ମୋ ବାପା ଦେଖି ବଡ ଦୁଃଖ ପ୍ରକାଶ କଲେ। ଛାଡ ମୋ ବାପ ପଣିଆକୁ ମୁଁ ଖଣ୍ଡିଏ ଭଲ ପୋଷାକ ମୋ ପୁଅକୁ ଦେଇ ପାରିଲି ନାହିଁ ।

କିଛି ଦିନ ଗଲାପରେ ମୂଲ ଲାଗି ପଇସା ରୋଜଗାର କଲେ ଦୋକାନ ରୁ ପ୍ୟାଣ୍ଟ ସାର୍ଟ ଖଣ୍ଡିଏ କିଣି ଆଣି ଡାକିଲେ 'ପାଦପଦ୍ମ' ଆ ଦେଖିବୁ ମୁଁ ତ ପାଇଁ କ'ଣ ଆଣିଛି । ଘର ଭିତରୁ 'ପାଦପଦ୍ମ ବାହାରି ଆସି ଦେଖିଲା ବାପା ପ୍ୟାଣ୍ଟ ସାର୍ଟ ଆଣିଛନ୍ତି ।

ବାପାଙ୍କୁ କୁଣ୍ଢେଇ ପକାଇ ଛଳ ଛଳ ଆଖିରେ କହିଲା ତୁମେ ମୋ ଆଖିରେ କେବେ ଲୁହ ଦେବନାହିଁ ମୁଁ ଜାଣିଛି ବାପା। ମୋ ପଛେ ପଛେ ମୋ ଭାଇ ଭଉଣୀ, 'ମା' ଆମ ପାଖକୁ ଚାଲି ଆସିଲେ। ବାପା ଆମକୁ କୁଣ୍ଢେଇ ପକେଇ କହିଲେ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତମ ଆଖିରେ ଲୁହ ଠୋପେ ଦେବିନାହିଁ । ଏଇ କଥା କହୁ କହୁ ଘର ଅଗଣାର ଦୁଆରେ ବାପାଙ୍କ ର ଲୁହ ଠୋପେ ପଡି ମାଟି କହୁଥିଲା ଏ ଦୁଃଖ ନୁହଁ ରେ ଏ ସରଗଠୁ ଆହୁରି ସୁଖ ।

'ପାଦପଦ୍ମ' ସରକାରୀ ଅଫିସ ଚୌକିରେ ବସି ଏ କଥା ଗୁଡିକ ଭାବୁ ଭାବୁ

ପିଅନ ଆସି ଡାକିଲା
ବାବୁ ଆଜ୍ଞା ..
ଫାଇଲ୍‌ଟା ଆଣିଛି ...
ଦସ୍ତଖତ କରିଦେବେ..

ହଉ ତୁମେ ଯାଅ ମୁଁ ଟିକେ ପରେ ଦସ୍ତଖତ କରି ମୁଁ ଡାକିବି। ଫାଇଲ୍‌କୁ ଆଡେଇ ଦସ୍ତଖତ କରିଲା ବେଳେକୁ ମନେପଡିଲା...

ଏଠିତ କେହି ମୋ ଭୁଲ୍ ଦେଖନ୍ତି ନାହିଁ ..

ମୁଁ ଭୁଲ୍ କଲେ ମୋତେ ଆଜ୍ଞା ବୋଲି କୁହନ୍ତି। କାହିଁକି ନା ମୁଁ ବଡ ଅଫିସର ଅଛି ବୋଲି ।

ମୁଁ ଭୁଲ୍ କଲେ ବାପା କରୁଥିଲେ ଶାସନ ।

ଅଫିସ କାନ୍ଥରେ ବାପାଙ୍କର ଫୋଟ ଫ୍ରେମ୍‌କୁ ଅନାଇ

ବାପା ... ଏଠି ମୋର ଅନେକ ଭୁଲ୍ ହୁଏ କେହି ମୋତେ ଶାସନ କରନ୍ତି ନାହିଁ ।

ବାପା ମୁଁ କାହାଠାରୁ ମାଡ ଖାଇବି କିଏ ମୋ ଜୀବନ ଭୁଲ୍‌କୁ ସୁଧାରିଦବ ..


ଜୋରେ ଡାକିବାକୁ ଲାଗିଲେ ବାପା .....

ସେହି ଅଫିସର ଚାରିକାନ୍ଥ ଭିତରେ ଦୁଇଟି ଶବ୍ଦ ଗୁଞ୍ଜରିତ ହେଉଥିଲା ବାପା... ବାପା... ବାପା......।

+ରାସୋଳ,ମୁଣ୍ଡିଆପଷି
ଢେଙ୍କାନାଳ
ପିନ୍-୭୫୯୦୨୧
ମୋ: ୯୯୩୭୬୫୨୫୦୪

# ନିଃସଙ୍ଗ

## ସୁଦର୍ଶନ ମହାପାତ୍ର





ବୋଉର ସାରା ଜୀବନଟା କଟିଗଲା ଗାଆଁରେ। ସକାଳୁ ସଞ୍ଜଯାଏ ଲାଗିଥିବ ତା' କାମରେ। ଆମମାନଙ୍କର ବାର ଫରମାଇସି ପୂରଣ କରୁଥିବ ଯନ୍ତ୍ରମଣିଷଟେ ପରି। ବାପା ଦୂର ସହରରେ ଚାକିରି ଜୀବନ କଟାଉଥିବାବେଳେ ବୋଉ ସମ୍ଭାଳୁ ଥିଲା ଆମକୁ, ଘରକୁ। ମାଟିକାନ୍ଥ, ଆଉ ବଡ ଅଗଣା ଥିବା କେତେ ପୁରୁଷର ଘରଟିକୁ ସାଇତି ବାରେ ତା'ର ବି ଥିଲା ଖୁସି। ଝୋଟି, ଚିତା, ମାଣବସା, ରଜ, ସାବିତ୍ରୀ, ଧାନଉଁସା, ଢ଼ିଙ୍କି , ଆଉ ଠାକୁର ପୂଜାକୁ ନେଇ ତା'ର ସଂସାର। ଥରେ ଦୁଇଥର ବାପାଙ୍କ ସାଙ୍ଗରେ ପୁରୀ ଯାଇଛି ଯାହା। ପିଲାଦିନେ ମୁଁ ଭାବେ ଚାକିରୀ ଖଣ୍ଡେ କଲେ, ସହରରେ ରହିଲେ, ବୋଉକୁ ସାଙ୍ଗରେ ନେଇ ଯିବି। ସେ ହେଲେ ଜାଣିବ ତା' ଦୁନିଆ ଛଡା ବାହାରେ ଗୋଟିଏ ଦୁନିଆ ଅଛି। ମୁଁ ଯେତେବେଳେ ମୋ ମନକଥା ସବୁ ବୋଉକୁ କହେ, ତା ଆଖି ସତେକି ଉଜ୍ଜ୍ୱଳି ଉଠେ। ମୋ ଆଖିକୁ ନିରେଖି ଚାହେଁ। ସତେକି ମୋ ବର୍ଣ୍ଣିତ ସେଇ ବାହାର ଦୁନିଆର ରୂପରେଖକୁ ମୋ ଆଖିରେ ଦେଖିବାକୁ ଚେଷ୍ଟା କରେ। ମୋର ମଙ୍ଗଳ କାମନା କରି ଦୁଇ ହାତ ଟେକି ଦିଏ ତା ଆରାଧ ଦେବତାଙ୍କ ଉଦ୍ଦେଶ୍ୟରେ।

ମୋ ପାଠପଢା ସରି ଚାକିରି କଲା ବେଳକୁ ବାପା ତାଙ୍କ ଚାକିରୀରୁ ଅବସର ନେଇ ସାରିଥିଲେ ଏବଂ ଗାଆଁରେ ଆସି ରହିଲେ। ଜୀବନଟା ସାରା ବାହାରେ ଭଡାଘରେ ରହିଲା ପରେ ଅବଶିଷ୍ଟ ଜୀବନକୁ କେବଳ ନିଜ ଘରେ କଟାଇବେ ବୋଲି ସେ ଯେମିତି ମନସ୍ଥ କରିଥିଲେ ! ବାପା ଘରେ ରହିବା ପରେ ବୋଉର ପାଇଟି ବଢିଗଲା ସିନା କମିଲା ନାହିଁ। ଯେତେବେଳେ ବି ମୁଁ ଘରକୁ ଯାଏ, ମୋ ସାଙ୍ଗରେ ଯିବାପାଇଁ ବୋଉକୁ ଉସକାଏ। ହାତରେ ରାନ୍ଧି ଖାଇବାକୁ ଭାରି ହଇରାଣ ହେଉଛି ବୋଲି ତା ପାଖରେ ବାହାନା କରେ। କେତେଥର ବୋଉ ମୋ କଥାରେ ସମ୍ମତି ଜଣାଏ। ଥତମତ ହୋଇ ନିଜର ତଥା ବାପାଙ୍କର ଜିନିଷ ପତ୍ର ସଜଡା ସଜଡି କରେ। ସବୁ ଜାଣୁଥିଲେ ବି ବାପା ଚୁପ୍ ରହନ୍ତି କିଛି ନଜାଣିଲା ଭଳି। ଶେଷ ମୁହୂର୍ତ୍ତରେ କୌଣସି ନା କୌଣସି ଆଳରେ ବାପା ଟାଳି ଦିଅନ୍ତି ଯିବା କଥାକୁ। ବୋଉ ନେହୁରା ହୋଇ କହିଲେ ବି କିଛି ଲାଭ ହୁଏନା। ବାପା ଯେମିତି ନିଦାବିଷ୍ଟୁ !

ବୋଉ ମୁହଁ ଶୁଖାଏ। ଅଭିମାନ କରେ। କହେ -' ଏ ଘରକୁ ବୋହୂ ହୋଇ ଆସିଥିଲି।ଏଇଠୁ ମଶାଣିକୁ ଯିବି। ଅନ୍ୟ କୁଆଡେ ଯିବାକୁ ମୋର ଭାଗ୍ୟ କାହିଁ ? 'ସଜାଡି ରଖିଥିବା ଲୁଗାପଟାକୁ ପୁଣି ବ୍ୟାଗରୁ ବାହାର କରେ ଆଉ ହଜିଯାଏ ପୁଣି ତା ନିତିଦିନିଆ ଜଞ୍ଜାଳରେ। ବାପାଙ୍କ ଅସୁବିଧା କଥା କହି ମୋତେ ବୁଝେଇବାକୁ ଚେଷ୍ଟା କରେ। ସାନ୍ତ୍ୱନା ଦିଏ। ମୁଁ ଘରୁ ବାହାରିଲା ବେଳକୁ ଦେହ ପା ଜଗିରଖି ଚଳିବାକୁ, ଠିକ୍ ସମୟରେ ଖାଇବାକୁ, ପୁଣି ମମତା ଭିଜା ସ୍ୱରରେ ଦୋହରାଏ।

ବାପାଙ୍କ ଜିଦ୍ ଓ ବୋଉର ଦାୟିତ୍ୱବୋଧତା ପାଖରେ ମୁଁ ଶେଷକୁ ହାର ମାନିଗଲି। ଇତି ମଧରେ ମୋର ବାହାଘର ସରିଯାଏ ଏବଂ ସ୍ତ୍ରୀ ପିଲାଙ୍କୁ ନେଇ ସହରରେ ମୋର ନୂଆ ସଂସାର ଟିଏ ତିଆରି ହୁଏ । ମଝିରେ ମଝିରେ ଗାଁକୁ ଯାଇ ଫେରିଲା ବେଳକୁ ଠାକୁରଙ୍କ ଉଦ୍ଦେଶ୍ୟରେ ବୋଉର ହାତ ନିଶ୍ଚୟ ଯୋଡି ହୋଇ ଥାଏ ମୋର ମଙ୍ଗଳ କାମନା କରି । କେବେ କେବେ ଭାବେ ବାପାଙ୍କ ଅନ୍ତେ ହୁଏତ ବୋଉକୁ ନେଇ ପାଖରେ ରଖି ପାରିବି କିମ୍ବା କୁଆଡେ ବୁଲେଇ ନେଇ ପାରିବି।

ସତକୁ ସତ ବାପା ଚାଲିଗଲେ ହଠାତ୍। କ୍ରିୟାକର୍ମ ସବୁ ସରିବାପରେ ବି ପ୍ରାୟ ମାସଟିଏ ଗାଆଁରେ ଛୁଟି ନେଇ ରହିଲି। ବୋଉ ଟିକିଏ ପ୍ରକୃତିସ୍ଥ ହେଲା ପରେ ସମୟ ସୁଯୋଗ ଦେଖି ଦିନେ କହିଲି -'ବାପା ତ ଚାଲିଗଲେ। ତୁ ଏଠି ଏକୁଟିଆ କାହିଁକି ପଡି ରହିବୁ। ଏବେ ମୁଁ ତୋତେ ନେଇଯିବି ମୋ ପାଖକୁ।'

ଆଗଭଳି ବୋଉ ଆଉ ଆଗ୍ରହ ଦେଖାଇଲାନି ମୋ କଥାରେ। ଖାଲି ହସିଲା ଟିକିଏ। କେମିତି ଗୋଟିଏ ଶୁଖିଲା ନିରସିଆ ହସ ! କହିଲା - 'ନାରେ, ତୋ ବାପାଙ୍କୁ ଏଇଠି ଏକୁଟିଆ ଛାଡି କୁଆଡେ ଯିବିନି ମୁଁ। ଏଇ ଭିଟାମାଟିରେ ସେ ଅଛନ୍ତି। ଏଇଠି ଚାଲବୁଲ କରୁଛି ତାଙ୍କର ଛାଇ। ସେତେବେଳେ ସିନା ତାଙ୍କୁ ସାଙ୍ଗରେ ନେଇ ଯିବାକୁ ବାହାରୁଥିଲି। ଏବେ ଦାଣ୍ଡଘରେ ଟଙ୍ଗା ହୋଇଥିବା ତାଙ୍କ ଫଟୋ ସହ ଦୁଃଖସୁଖ ହେଉଥିବି। ଆଉ ଠାକୁରଙ୍କୁ ଗୁହାରି କରୁଥିବି ଶୀଘ୍ର ମୋତେ ତୋ ବାପାଙ୍କ ପାଖକୁ ନେଇଯିବାକୁ। ମୁଁ ଏବେ ଘର ଛାଡି ଚାଲିଗଲେ ସେ ଏକା ହୋଇଯିବେ। 'ବୋଉ ଆଖିରେ ଲୁହ ଟଳମଳ କରୁଥିବାର ଦେଖି ମୁଁ ନୀରବରେ ମୁହଁ ପୋତିଲି।

+କୁଞ୍ଜବିହାରୀ ଲେନ, କଟକ

# କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀରାମ ଚନ୍ଦ୍ର ପ୍ରସାଦ ସିଂଙ୍କ ୱାର୍ଲ୍ଡସ୍କିଲ ସେଂଟର ପରିଦର୍ଶନ

ଭୁବନେଶ୍ୱର,୨୭/୨ (ନି.ପ୍ର): ଆଜି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ପ୍ରସାଦ ସିଂଙ୍କ ସମେତ ଏକ ପ୍ରତିନିଧି ଦଳ ଓଡିଶା ଗସ୍ତ କରି ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି ।ବିଶ୍ୱସ୍ତରୀୟ ଭିତିଭୂମି ଦେଖି ସେ ନିଜର ଖୁସି ଅଭିବ୍ୟକ୍ତ କରି କହିଥିଲେ ଯେ ଆଜିର ପ୍ରତିଯୋଗିତା ବହୁଳ ଦୁନିଆରେ ଶିଳ୍ପ ସମ୍ବନ୍ଧୀୟ କୌଶଳ ଥିବା କୁଶଳୀ କର୍ମଜୀବୀଙ୍କର ଆବଶ୍ୟକତା ରହିଛି । ଏହା ଆଇଟିଆଇ ଏବଂ ପଲିଟେକ୍ନିକ୍ ଛାତ୍ରଛାତ୍ରୀଙ୍କ ସମସ୍ତ କୌଶଳ ଆବଶ୍ୟକତା ପୂରଣ କରି ସେମାନଙ୍କୁ କୁଶଳୀ କରିବ ବୋଲି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ସିଂ ପରିପ୍ରକାଶ କରିଥିଲେ।

ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ କରିବା ପରେ ରାଷ୍ଟ୍ରୀୟ ଖଣିଜ ନିଗମର ସିଏମଡି ସୁମିତ ଦେବ କହିଥିଲେ ଯେ ଯୁବପିଢିଙ୍କ ଦକ୍ଷତା ବିକାଶ ଆବଶ୍ୟକତାକୁ ପୂରଣ କରିବା ସହ ସ୍କିଲିଂ ଇକୋସିଷ୍ଟମର ଚେହେରାକୁ ବଦଳାଇବା ପାଇଁ ଓଡିଶା ସରକାର ଯେଉଁ ଅନୁଭୂତିଶୀଳ ଶିକ୍ଷଣ ପରିବେଶ ସୃଷ୍ଟି କରିଛନ୍ତି ତାହା ନିଶ୍ଚିତ ରୂପେ ପ୍ରଶଂସନୀୟ। ଶ୍ରେଷ୍ଠ ଆଇଟିଆଇ ଏବଂ ପଲିଟେକ୍ନିକ୍ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି କେନ୍ଦ୍ର ଏକ ଫିନିସିଂ ସ୍କୁଲ ଭାବରେ କାର୍ଯ୍ୟ କରିବା ସହିତ ଆଇଟିଆଇ ଏବଂ ପଲିଟେକ୍ନିକ୍ ଶିକ୍ଷକ ମାନଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ବିଏମସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ସିଇଓ ସଞ୍ଜୟ କୁମାର ସିଂ କହିଥିଲେ।

ଅଠର ମହଲା କୋଠାର ପ୍ରତ୍ୟେକ ମହଲା ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ପାଇଁ ଉତ୍ସର୍ଗୀକୃତ ଏବଂ ୨୦୨୧-୨୨ ବର୍ଷ ପାଇଁ ଏୟାର କଣ୍ଡିସିନର ଏବଂ ରେଫ୍ରିଜରେଜେସନ୍, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ସର୍ଭିସେସ୍ ଏବଂ ମେକାଟ୍ରୋନିକ୍ସ ଭଳି ତିନୋଟି ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଛି ବୋଲି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ତଥା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁଜି ପ୍ରତିନିଧି ଦଳଙ୍କୁ ସୂଚନା ଦେଇଥିଲେ। ଶ୍ରୀସିଂ ଏବଂ ସହଯୋଗୀମାନେ ୱାର୍ଲ୍ଡ ସ୍କିଲ ସେଂଟରର ସମସ୍ତ ଲାବ୍ ପରିଦର୍ଶନ କରିବା ସହ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ।

# ସରସ ଆଜୀବିକା ମେଳାରେ ଓଡ଼ିଶାର ୬ ଷ୍ଟଲ୍

ଭୁବନେଶ୍ୱର ,୨୭/୨ (ନି.ପ୍ର): ଉତ୍ତର ପ୍ରଦେଶ ନୋଏଡାର ସେକ୍ଟର-୩୩ରେ ଥିବା 'ନୋଏଡା ହାଟ୍' ପରିସରରେ ଆରମ୍ଭ ହୋଇଛି 'ସରସ ଆଜୀବିକା ମେଳା-୨୦୨୨'। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ଏହାର ଆୟୋଜନ କରାଯାଇଛି । ଦେଶର ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ, ଘରକରଣା ଜିନିଷ, ହସ୍ତତନ୍ତ ଓ ଖାଦ୍ୟପେୟ ଆଦି ଏହି ମେଳାରେ ବିକ୍ରି ହେଉଛି । ଓଡ଼ିଶା ଗ୍ୟାଲେରିରେ କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, କୋରାପୁଟ, ବୌଦ୍ଧ ଓ ଝାରସୁଗୁଡ଼ା ଜିଲ୍ଲାର ୬ଟି ଏସ୍ଏଚ୍‌ଜି ମାଆମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ନେଇ ୬ଟି ଷ୍ଟଲ ସ୍ଥାପନ କରାଯାଇଛି । ଏଥିରେ କେନ୍ଦୁଝରର ଜୟ ଦୁର୍ଗା ଏସ୍ଏଚ୍‌ଜି ଦ୍ୱାରା କାଗଜରୁ ତିଆରି ବିଭିନ୍ନ ଘର ସାଜସଜ୍ଜା ଓ ଅଫିସ ଷ୍ଟେସନାରି ସାମଗ୍ରୀ ରହିଥିବା ବେଳେ, କେନ୍ଦ୍ରାପଡ଼ାର ସୀତାରାମ ଏସ୍ଏଚ୍‌ଜି ତରଫରୁ କାଇଁଚ ଘାସରୁ ହାତ ତିଆରି ଆକର୍ଷଣୀୟ ଘରସଜ୍ଜା ଜିନିଷ ବିକ୍ରି କରାଯାଉଛି । କୋରାପୁଟର ପାର୍ବତୀ ଏସ୍ଏଚ୍‌ଜି ଦ୍ୱାରା ପ୍ରସ୍ତୁତ କଳାଜିରା ଚାଉଳ, ସୁଆଁ, ହଳଦୀ ଗୁଣ୍ଡ, ଫୁଲ ଝାଡୁ, ଲେମନ ଗ୍ରାସ୍ ତେଲ ସହ ହଳଦୀରୁ ପ୍ରସ୍ତୁତ ଦେହ ଲଗା ସାବୁନ ବିକ୍ରି ହେଉଛି । ଝାରସୁଗୁଡ଼ାର ମାଆ ସମଲେଶ୍ୱରୀ ଏସ୍ଏଚ୍‌ଜି ତରଫରୁ ବଡ଼ି ଓ ପାମ୍ପଡ଼ ବିକ୍ରି କରାଯାଉଥିବା ବେଳେ ବାଲେଶ୍ୱରର ବାବା କୌଡ଼ିଆଶ୍ୱର ଏସ୍ଏଚ୍‌ଜି ଦ୍ୱାରା ତିଆରି ଟସର ଶାଢ଼ି, ଜ୍ୟାକେଟ ଓ ଷ୍ଟୋଲ ବିକ୍ରି କରାଯାଉଛି । ସେହିପରି ବୌଦ୍ଧର ଭାଗ୍ୟଲକ୍ଷ୍ମୀ ଏସ୍ଏଚ୍‌ଜି ସଦସ୍ୟମାନଙ୍କ ଦ୍ୱାରା ତିଆରି ପାଟ ଶାଢ଼ି, ଡ୍ରେସ କପଡ଼ା ଓ ଗାମୁଛା ଆଦିର ସମ୍ଭାର ଦେଖିବାକୁ ମିଳିଛି ଏହି ମେଳାରେ । ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ୍ ଏବଂ ମିସନ ଶକ୍ତି ବିଭାଗ ଜରିଆରେ ଏହି ଏସ୍ଏଚ୍‌ଜିଗୁଡ଼ିକ ମେଳାରେ ଅଂଶଗ୍ରହଣ କରିଛନ୍ତି । ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ ।

# ପୁରୀ ଷ୍ଟେସନ କୁଷ୍ଠ କଲୋନୀ ସ୍ଥାନାନ୍ତର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର ,୨୭/୨ (ନି.ପ୍ର): ପୁରୀ ରେଳ ଷ୍ଟେସନ ନିକଟସ୍ଥ କୁଷ୍ଠ କଲୋନିକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । କୁଷ୍ଠମୁକ୍ତଙ୍କ ଥଇଥାନ ନେଇ ହାଇକୋର୍ଟରେ ଦାଖଲ ଜନସ୍ୱାସ୍ଥ୍ୟ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ହୋଇଛି । ସୂଚନା ଅନୁଯାୟୀ, ଏହି କୁଷ୍ଠ କଲୋନିରେ ସମୁଦାୟ ୨୮ ପରିବାର ଅଛନ୍ତି । ଯେଉଁମାନେ ଅତି ଦୁର୍ଦ୍ଦଶା ମଧ୍ୟରେ ରହୁଥିବା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ବୈଷୟିକ କମିଟି ଦେଖିବାକୁ ପାଇଥିଲା । ୩ ମାସ ମଧ୍ୟରେ ଏହି ପରିବାର ପାଇଁ ସ୍ୱତନ୍ତ୍ର ଘର ନିର୍ମାଣ ସହିତ ଭିନ୍ନ ସ୍ଥାନରେ ଥଇଥାନ ପାଇଁ କୁହାଯାଇଛି । ରାଜ୍ୟରେ ଥିବା ୧୨କୁଷ୍ଠ କଲୋନିରେ ରହୁଥିବା କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ପୁନଃଥଇଥାନ ଯୋଜନାର ସମସ୍ତ କଲ୍ୟାଣମୂଳକ ପଦକ୍ଷେପ ଗୁଡ଼ିକୁ ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି ।

# ରୁଷ୍, ୟୁକ୍ରେନ ଯୁଦ୍ଧ ସମାପ୍ତି ପାଇଁ ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନର ଶାନ୍ତି ଶୋଭାଯାତ୍ରା

ଭୁବନେଶ୍ୱର,୨୭/୨ (ନି.ପ୍ର): ଯୁଦ୍ଧ କମ୍ବା ହିଂସା କୌଣସି ପରିସ୍ଥିତିରେ ସମସ୍ୟାର ସମାଧାନ ନୁହେଁ । ଯୁଦ୍ଧ ଓ ହିଂସା ସବୁବେଳେ ସାରା ମାନବସମାଜ ଓ ପୃଥିବୀ ପାଇଁ ବିପଦ । ଏଣୁ ଯୁଦ୍ଧ ପରିସ୍ଥିତିକୁ କେତେବେଳେ ବି ବରଦାସ୍ତ କରାଯାଇ ପାରିବ ନାହିଁ । ଏହି ବିଶ୍ୱ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଛି ଓ ତା'ର ରକ୍ତକ୍ଷୟି ସଂଗ୍ରାମର କୁଫଳ ଭୋଗିଛି । ତେଣୁ ମାନବ ସଭ୍ୟତା ବିକାଶର ଚରମ ସୋପାନ ଆଡ଼କୁ ଗତି କରୁଥିବା ବେଳେ ଯୁଦ୍ଧ କରି ଲକ୍ଷ ଲକ୍ଷ ନରନାରୀଙ୍କୁ ମୃତ୍ୟୁ ମୁହଁକୁ ଠେଲିଦେବା ଓ ସାରା ବିଶ୍ୱକୁ ଯୁଦ୍ଧର ଆତଙ୍କ ଭିତରକୁ ଠେଲିଦେବାକୁ ନବନିର୍ମାଣ କୃଷକ ସଂଗଠନ ବିରୋଧ କରିଛି । ଆମେ ଯୁଦ୍ଧ ନୁହଁ, ଶାନ୍ତି ଚାହୁଁ । ସମାଧାନର ରାସ୍ତା ଯୁଦ୍ଧ ନୁହେଁ, ସ୍ଥାୟୀ ବିଶ୍ୱଶାନ୍ତି ଆମର ଦାବି, ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିବା ବନ୍ଦ କର ସ୍ଲୋଗାନମାନ ଦେଇ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତାମାନେ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନରୁ ପିଏମ୍‌ଜି ଆଡ଼କୁ ଶୋଭାଯାତ୍ରାରେ ଯାଇଥିଲେ । ଶୋଭାଯାତ୍ରାକାରୀଙ୍କୁ ଉଦ୍‌ବୋଧନ ଦେଇ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ, ଯୁଦ୍ଧ ବିରୁଦ୍ଧରେ ତମାମ ଦୁନିଆରେ ଜନମତ ସଂଗଠିତ ହେବା ଦରକାର । ଶାନ୍ତି ସପକ୍ଷରେ ଜନମତ ଅଧିକ ସଂଗଠିତ ହେଲେ ରୁଷ୍ ଉପରେ ନୈତିକ ଚାପ ପଡ଼ିବ । ସେହିଭଳି ନାଟୋ ଠାରୁ ୟୁଏନ୍ଏ ପର୍ଯ୍ୟନ୍ତ ସମସ୍ତେ ଯୁଦ୍ଧ ବିରତି ପାଇଁ ତତ୍ପର ହେବାର ଆବଶ୍ୟକତା ଅଛି । ଭାରତର ଭୂମିକା ନେଇ ରାଜ୍ୟପାଳଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପ୍ରଧାନମନ୍ତ୍ରୀ ଯୁଦ୍ଧ ବିରତି ପାଇଁ ସକରାତ୍ମକ ଭୂମିକା ନିଭାଇବାକୁ ଅନୁରୋଧ କରାଯାଇଛି । ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ଓ ୟୁକ୍ରେନରେ ନାଟୋ, ଆମେରିକାର କୁଟନୀତି କ୍ଷତି କରୁଛି, ରୁଷିଆ ତୁରନ୍ତ ଯୁଦ୍ଧ ବନ୍ଦ କରୁ, ନାଟୋ ଓ ଆମେରିକା ୟୁକ୍ରେନକୁ ନେଇ ରାଜନୈତିକ କୁଟନୀତି ବନ୍ଦ କରନ୍ତୁ, ୟୁକ୍ରେନର ସାର୍ବଭୌମ ଓ ବ୍ୟକ୍ତି ସ୍ୱାଧୀନତା ରକ୍ଷା କରାଯାଉ, ଯୁଦ୍ଧ ସମାଧାନର ମାଧ୍ୟମ ନୁହେଁ । ସମାଧାନର ଏକମାତ୍ର ରାସ୍ତା ଶାନ୍ତି ଓ ଅହିଂସା । ଅହିଂସା ରାସ୍ତାରେ ଭାରତର ଅବଦାନ ମହତ୍ୱପୂର୍ଣ୍ଣ ହୋଇଥିବାରୁ ରୁଷିଆ ଉପରେ କିଭଳି ଚାପ ପ୍ରୟୋଗ କରାଯିବ, ସେଥିପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଭମିକା ଗ୍ରହଣ କରନ୍ତୁ ।

ଆଜିର ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ, ଦୀନେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ବିଦେଶୀ ସାଇବର ଠକଙ୍କ ନିଶାଣରେ ସରକାରୀ ୱେବସାଇଟ୍



ଭୁବନେଶ୍ୱର ,୨୭/୨ (ନି.ପ୍ର): ସାଇବର ଠକେଇ ସମଗ୍ର ରାଜ୍ୟରେ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଠକମାନେ ଟଙ୍କା ଓ ତଥ୍ୟ ପାଇଁ ସାଧାରଣ ଲୋକଙ୍କୁ ମାଧ୍ୟମ କରୁଥିବା ବେଳେ ଅନେକ ସମୟରେ ସରକାରୀ ୱେବସାଇଟ୍‌ରୁ ଆରମ୍ଭ କରି ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ସଂସ୍ଥାର ୱେବସାଇଟ୍‌କୁ ଟାର୍ଗେଟ୍ କରାଯାଉଛି । ବଡ଼ କଥା ହେଉଛି, କିଛି ବର୍ଷ ହେଲା ରାଜ୍ୟରେ ଲଗାତାର ଭାବେ ସରକାରୀ ଶିକ୍ଷାନୁଷ୍ଠାନ, ମେଡିକାଲ୍, କୃଷି, ପରିବହନ ଓ ସ୍ୱାସ୍ଥ୍ୟ ବିଭାଗର ୱେବସାଇଟକୁ ବାହାର ଦେଶର ହ୍ୟାକର୍ ଟାର୍ଗେଟ୍ କରୁଛନ୍ତି । ବାରମ୍ବାର ହ୍ୟାକ୍ କରି ସାଇବର ଠକ ନିଜ ଦେଶର ନାଁ ନଚେତ୍ ଦେଶ ବିରୋଧୀ ସ୍ଲୋଗାନ୍ ଲେଖୁଥିବା ଦେଖିବାକୁ ମିଳୁଛି । ମିଳିଥିବା ସୂଚନା ମୁତାବକ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶର ପ୍ରାୟ ୭୦ ହଜାରରୁ ଅଧିକ ୱେବସାଇଟ୍ ହ୍ୟାକ୍ ହୋଇଥିଲା । ସେଥିମଧ୍ୟରୁ ରାଜ୍ୟର ପ୍ରାୟ ୨ ହଜାର ୱେବସାଇଟ୍ ହ୍ୟାକ୍ ହୋଇଥିବା ବେଳେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ଏକାଧିକ କଲେଜ୍ ଓ ୟୁନିଭର୍ସିଟି ହ୍ୟାକ୍ ହେଉଥିବା ଜଣାପଡ଼ିଛି । ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ମନ୍ତ୍ରଣାଳୟ ଓ ଏହା ବିଭାଗର ୱେବସାଇଟ୍ ନାଁରେ ନକଲି ୱେବସାଇଟ୍ ଖୋଲାଯାଇ ଟଙ୍କା ମଧ୍ୟ ଆଦାୟ ହେଉଥିବା ଦୃଷ୍ଟାନ୍ତ ରହିଛି ।

# ମିଲେଟ୍ ମିସନ୍‌ରେ ସାମିଲ ଜିଲ୍ଲା ୧୯କୁ ବୃଦ୍ଧି : ଲଡ୍ଡୁ, ମିକ୍ସଚର, କେକ ହେବ ଆକର୍ଷଣର କେନ୍ଦ୍ର

ଭୁବନେଶ୍ୱର ,୨୭/୨ (ନି.ପ୍ର): ରାଜ୍ୟ ମିଲେଟ ମିସନ୍‌ରେ ସାମିଲ ଜିଲ୍ଲା ସଂଖ୍ୟା ୧୯ ଏବଂ ବ୍ଲକ୍ ସଂଖ୍ୟା ୧୪୨କୁ ବୃଦ୍ଧି ପାଇଛି । ପୂର୍ବରୁ ଏଥିରେ ୧୫ ଜିଲ୍ଲାର ୮୪ ବ୍ଲକ୍ ଥିଲେ । ଏପ୍ରିଲରେ ସାମିଲ ହେବାକୁ ଯାଉଥିବା ଜିଲ୍ଲାଗୁଡ଼ିକ ହେଲା, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼ । ଏଥିସହ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ମିଲେଟ୍ ଆଉଟଲେଟ୍ ପାଇଁ ସ୍ଥାନ ଚିହ୍ନଟ ହୋଇଛି । ରାଜଧାନୀରେ ଥିବା କୃଷି ଭବନର ଆଉଟଲେଟ୍‌ରେ ମିଲେଟ୍‌ର କେକ୍, ମିକ୍ସଚର, ନିମ୍‌କି, ଲଡୁ, ଛତୁଆ ସମେତ ଭଳିକିଭଳି ଜଳଖିଆ ଆଇଟମ୍‌ର ଚାହିଦା ବଢ଼ିବାରେ ଲାଗିଛି । ଏହା ସୁସ୍ୱାଦୁ ହେବା ସହ ପୁଷ୍ଟିକର ମଧ୍ୟ । ମଧୁମେହ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବିସ୍କୁଟ୍, ଚାଉଳ ମଧ୍ୟ ରହିଛି । ଏହା ରକ୍ତରେ ଶର୍କରା, କୋଲୋଷ୍ଟ୍ରଲ୍ ସ୍ତରକୁ ହ୍ରାସ କରିବାରେ ସହାୟତା କରୁଥିବା ବିଶେଷଜ୍ଞମାନେ କହନ୍ତି । ମିସନ୍ ଶକ୍ତି ଓଡ଼ିଶା ପକ୍ଷରୁ ମନୋନୀତ ସ୍ୱୟଂସହାୟକ ଗୋଷ୍ଠୀ କିଛି ମାସ ହେଲା କୃଷି ଭବନରେ ଏହାକୁ ବିକ୍ରି କରୁଛି । ପୂର୍ବରୁ କେବଳ ଆଦିବାସୀ ମେଳାରେ ମିଲେଟ୍ ଜଳଖିଆ ମିଳୁଥିଲା କିମ୍ବା ଏସ୍ଏଚ୍‌ଜିଗୁଡ଼ିକ ନିଜସ୍ତରରେ ବିକ୍ରି କରୁଥିଲେ । ସମସ୍ତଙ୍କ ନିକଟରେ ଏହା ପହଞ୍ଚି ପାରୁନଥିଲା । କେନ୍ଦୁଝର ମିଲେଟ୍ ଆଉଟଲେଟ୍‌ରେ ମଧ୍ୟ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଜଳଖିଆ ଉପଲବ୍ଧ ରହିଛି । ବଲାଙ୍ଗୀରରେ ଆଉଟଲେଟ୍ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି । ରାଜଧାନୀର ବିମାନବନ୍ଦର, ରେଳଷ୍ଟେସନ୍ ସମେତ ଅନ୍ୟ ସ୍ଥାନ ମଧ୍ୟ ଚିହ୍ନଟ ହୋଇଛି । ପର୍ଯ୍ୟାୟକ୍ରମରେ ରାଜ୍ୟର ସବୁ ଜିଲ୍ଲାରେ ମିଲେଟ୍ ଆଉଟଲେଟ୍ ହେବ । ମିଲେଟ୍ ମିସନ୍ ଅନ୍ତର୍ଗତରେ ଚଳିତ ବର୍ଷ ୫୨୩୦ ହେକ୍ଟରରେ ମିଲେଟ୍ ଚାଷ ହୋଇଛି । ରାଜ୍ୟର ୧୫ଟି ଜିଲ୍ଲାର ୮୫ଟି ବ୍ଲକରୁ ୩ ଲକ୍ଷ ୧୩ ହଜାର କ୍ୱିଣ୍ଟାଲ ମିଲେଟ୍ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସଂଗ୍ରହ ଅଭିଯାନ ଜାରି ରହିଛି । କୃଷି ବିଭାଗ କହିଛି, ମିଲେଟ୍ ଚାଷ ବୃଦ୍ଧି ପାଇଛି । ବର୍ତ୍ତମାନ ଏହାର ଚାହିଦା କିଭଳି ବଢ଼ିବ, ଏଥିପାଇଁ ଗୁରୁତ୍ୱ ଦିଆଯିବ । ଏଥିରେ ମିସନ୍ ଶକ୍ତି ସହାୟକ ହେବ । କୃଷି ବିଭାଗ ମିସନ୍ ଶକ୍ତିକୁ ମାଣ୍ଡିଆ ବିକ୍ରି କରିବ, ମିସନ୍ ଶକ୍ତି ଅନ୍ତର୍ଗତ ଏସ୍ଏସଚ୍‌ଜି ଗ୍ରୁପ୍ ବିଭିନ୍ନ ପ୍ରକାର ଜଳଖିଆ ପ୍ରସ୍ତୁତ କରିବେ । ଏଥିପାଇଁ ସବୁପ୍ରକାର ସହଯୋଗ ମିଲେଟ୍ ମିସନ୍ କରିବ । ମିଲେଟ୍ ମିସନ୍‌ରେ ଅନ୍ତର୍ଭୁକ୍ତ ଜିଲ୍ଲାଗୁଡ଼ିକ ହେଲା, ମୟୂରଭଞ୍ଜର ୩, କେନ୍ଦୁଝରର ୭, ଅନୁଗୁଳର ୫, କନ୍ଧମାଳର ୭, ଗଞ୍ଜାମର ୪, ଗଜପତିର ୪, ରାୟଗଡ଼ାର ୮, କଳାହାଣ୍ଡିର ୪, କୋରାପୁଟର ୧୦, ମାଲକାନଗିରିର ୪, ସୁନ୍ଦରଗଡ଼ର ୧୧, ବରଗଡ଼ର ୫, ବଲାଙ୍ଗୀରର ୪, ନୂଆପଡ଼ାର ୩, ନବରଙ୍ଗପୁରର ୫ ବ୍ଲକ୍ ରହିଛନ୍ତି ।

# ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଉଦ୍‌ଯାପନୀ ସଂଧ୍ୟାରେ ସୁଫି କାଲାମ ସହିତ ସୁଫି କଓ୍ୱାଲୀରେ ଦର୍ଶକ ବିଭୋର

ଭୁବନେଶ୍ୱର,୨୭/୨ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ବିଭାଗ ସାହାଯ୍ୟରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ଅନୁଷ୍ଠିତ ହେଉଥିବା ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ର ଉଦ୍‌ଯାପନୀ ସଂଧ୍ୟାରେ ଦେଖିବାକୁ ମିଳିଥିଲା ସୁଫି କାଲାମ ସହିତ ସୁଫି କଓ୍ୱାଲୀ । ଅନ୍ତିମ ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ବସନ୍ତ ପାତ୍ର ଓ ସାଥୀଙ୍କ ଦ୍ୱାରା ସୁଫି କଲାମ । ସେମାନଙ୍କ ପ୍ରସ୍ତୁତିରେ ଥିଲା ମେରା ମୌଲା ମେରେ କରମ, ଦମାଦମ ମସ୍ତ କଲନ୍ଦର, ପିୟା ତେରେ ରଙ୍ଗ ଥା ମେ, ଲମ୍ବି ଯୁଦାଇ ଇତ୍ୟାଦି । ତାଙ୍କ ସହିତ ସାଥୀ କଳାକାରମାନେ ଥିଲେ ବର୍ଣ୍ଣାଳୀ ହୋତା, ପୂଜା ପ୍ରତ୍ୟୁଷା, ଇପସିତ ପତି । ତାଙ୍କୁ ତବଲାରେ ବୈଭବ କୁମାର, ଅକ୍ଟାପାଡ଼ରେ ଅମର କୁମାର, ସିନ୍ଥେସାଇଜରରେ କିଶୋର କୁମାର ଏବଂ କୁନା ସହଯୋଗ କରିଥିଲେ । ସଂଧ୍ୟାର ଶେଷ ପରିବେଷଣ ଥିଲା ବୁଦୁଷୀ ଚଂଚଲ ଭାରତୀଙ୍କ ଦ୍ୱାରା ସୁଫି କବାଲି ପରିବେଷଣ । ତାଙ୍କର ପାରମ୍ପାରିକ ସୁଫିୟାନା କବାଲି ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ତାଙ୍କୁ ଯନ୍ତ୍ରାଂଶରେ ସହଯୋଗ କରିଥିଲେ ହାରମୋନିୟନରେ ଜନାବ ତୋଜୁଦ୍ଦିନ ଖାନ ଓ ଜନାବ ନସିମ ଅହମଦ, ବୃନ୍ଦଗାନରେ ଅବିନାଶ କୁମାର, ବେଂଚରେ ଜନାବ ଇକବାଲ, ତବଲାରେ ମଜହାର ଅଲି ଓ ଢୋଲକରେ ଅମର ପ୍ରସାଦ । ଏହି କାର୍ଯ୍ୟକ୍ରମ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଯାହାକୁ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଉପସ୍ଥିତ ରହି ତାଙ୍କର ଏହି ସଙ୍ଗୀତକୁ ମନଭରି ଉପଭୋଗ କରୁଥିଲେ । ସଂଧ୍ୟାର ଅତିଥିମାନେ ଥିଲେ ପାସପୋଟ ଅଫିସର ସୁଧାଂଶୁ ଶେଖର ମିଶ୍ର, ଆଇ.ସି.ସି.ଆରର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର; ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଭାପତି ଅରବିନ୍ଦ ବେହେରା ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡ଼ ସଙ୍ଗୀତା ଗୋସାଇଁ ଓ ମୀରା ପଣ୍ଡା ।

## ପ୍ରତି ପୌରାଞ୍ଚଳରେ ହେବ ମଡେଲ୍ ବୁଥ୍

ଭୁବନେଶ୍ୱର,୨୭/୨ (ନି.ପ୍ର): ପଞ୍ଚାୟତ ନିର୍ବାଚନରେ ଯେପରି ପ୍ରତି ବ୍ଲକରେ ପିଙ୍କ୍ ବୁଥ୍ ହୋଇଥିଲା ସେହିପରି ପୌର ନିର୍ବାଚନରେ ପ୍ରତି ସହରାଞ୍ଚଳରେ ମଡେଲ୍ ବୁଥ୍ ହେବ । ପ୍ରତି ଏନ୍ଏସିରେ ଗୋଟିଏ, ମ୍ୟୁନିସପାଲଟିରେ ତିନିଟି, ମହାନଗର ନିଗମରେ ୫ଟି ମଡେଲ୍ ବୁଥ୍ କରିବାକୁ ରାଜ୍ୟ ନିର୍ବାଚନ କମିସନଙ୍କ ସଚିବ ଆର.ଏନ୍ ସାହୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଏହି ସବୁ ବୁଥ୍‌ରେ ପିଇବା ପାଣି, ଶୌଚାଳୟ, ରାମ୍ପ, ପ୍ରତୀକ୍ଷା ଗୃହ ରହିବ । ଯେଉଁଠି ଏକାଧିକ ବୁଥ୍ ହୋଇଥିବ ସେଠାରେ ଏହି ମଡେଲ୍ ବୁଥ୍ କରାଯିବ । ଭିନ୍ନକ୍ଷମଙ୍କ ପାଇଁ ହୁଇଲ୍ ଚେୟାର, ଭୋଟରଙ୍କୁ ସ୍ୱାଗତ କରିବା ପାଇଁ ସାମିଆନା ରହିବ । ଭୋଟରଙ୍କ ସହାୟତା ପାଇଁ ହେଲ୍‌ପ ଡେସ୍କ ଖୋଲାଯିବ । ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସେଲ୍‌ଫି ଜୋନ୍ ରହିବ । ଏହି ମଡେଲ୍ ବୁଥ୍ ପାଇଁ ବୁଥ୍ ପିଛା ୧୦ହଜାର ଟଙ୍କା ଲେଖାଏଁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି ।

# ଭେଣ୍ଟିଲେଟର ଓ ଆଇସିୟୁ ମନିଟର ଚୋରି ଘଟଣା: ଘରୋଇ ହସ୍ପିଟାଲ କର୍ମଚାରୀଙ୍କୁ ପଚରାଉଚରା



ଭୁବନେଶ୍ୱର,୨୭/୨ (ନି.ପ୍ର): ରାଜ୍ୟ ସରକାରଙ୍କ ଭେଣ୍ଟିଲେଟର୍ ଓ ଆଇସିୟୁ ମନିଟର ଗୋଦାମରୁ ଚୋରି ଘଟଣାରେ ଫେରାର୍ ୨ଡାକ୍ତରଙ୍କ ସମେତ ମୁଖ୍ୟ କାର୍ପଟଦାରକୁ ପୁଲିସ୍ ଖୋଜୁଛି । ଏପରିକି ଅଭିଯୁକ୍ତମାନେ ଗିରଫଦାରୀ ଭୟରେ ରାଜ୍ୟ ଛାଡ଼ି ଫେରାର୍ ହୋଇଯାଇଥିବା ଜଣେ ବରିଷ୍ଠ ପୁଲିସ କର୍ମଚାରୀ ସୂଚନା ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରୀ ଚିକିତ୍ସା ଯନ୍ତ୍ରାଂଶ ଚୋରି କରିବା ପାଇଁ ଘରୋଇ ହସ୍ପିଟାଲର ମାଲିକମାନେ ଯୋଜନା କରିଥିଲେ । ତେବେ ଏହି ଘଟଣାରେ ଗୋଟିଏ କି ୨ଟି ହସ୍ପିଟାଲ ନୁହେଁ, ପ୍ରାୟ ୪ଟି ଘରୋଇ ହସ୍ପିଟାଲ୍ ମାଲିକ ମିଳିତ ଭାବେ ପ୍ଲାନିଂ କରିଥିଲେ । ତେଣୁ ଯେଉଁ ହସ୍ପିଟାଲଗୁଡ଼ିକରେ ଚୋରି ସାମଗ୍ରୀ ଲାଗିଛି, ପୁଲିସ ସେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ଆସନ୍ତା ୨ରୁ ୩ଦିନ ମଧ୍ୟରେ ପ୍ରାୟ ୧୦ରୁ ଅଧିକ ମେଡିକାଲ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ଅନେକେ ଚୋରି ଡିଲ୍ ସଂପର୍କରେ ଜାଣି ନଥିବା କହୁଥିବା ବେଳେ ଆଉ କିଛି ଭୟରେ ହସ୍ପିଟାଲରୁ ଚାକିରି ଛାଡ଼ି ଦେଇଥିବା ଜଣାଯାଇଛି ।

# ଜଳବାୟୁ ପରିବର୍ତ୍ତନ ଜନିତ ବିସ୍ଥାପନ ସଂକ୍ରାନ୍ତ ତଥ୍ୟ କେନ୍ଦ୍ର ପାଖରେ ନାହିଁ

ଭୁବନେଶ୍ୱର ,୨୭/୨ (ନି.ପ୍ର): ଆର୍ଥିକ, ସାମାଜିକ ଏବଂ ରାଜନୈତିକ କାରଣ ଯୋଗୁଁ ବିସ୍ଥାପନ ହୋଇଛି । ଏହା ସ୍ଥାୟୀ କିମ୍ବା ଅସ୍ଥାୟୀ ହୋଇପାରେ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିସ୍ଥାପନ ନେଇ କୌଣସି ଷ୍ଟଡି ରିପୋର୍ଟ ଆସି ନାହିଁ । ଫେବ୍ରୁଆରି ୭ ତାରିଖରେ ଲୋକସଭାରେ ସାଂସଦ ଡ. ଶ୍ରୀକାନ୍ତ ଏକନାଥ ସିନ୍ଧେ, ଡ.ହୀନା ଗଭିଟ୍‌ଙ୍କ ଅଣତାରକା ପ୍ରଶ୍ନରେ ପରିବେଶ, ଜଙ୍ଗଲ ବିଭାଗ ମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି । ମନ୍ତ୍ରୀଙ୍କ ଏଭଳି ଉତ୍ତର ଆଶ୍ଚର୍ଯ୍ୟଜନକ ବୋଲି ସାଧାଣରେ ମତପ୍ରକାଶ ପାଇଛି । ଜଳବାୟୁ ପରିବର୍ତ୍ତନ ଜନିତ ବିସ୍ଥାପନ ପ୍ରଥମେ ଓଡ଼ିଶାରେ ହୋଇଛି । ରାଜ୍ୟର ଅନେକ ସ୍ଥାନ ପ୍ରତିବର୍ଷ ଅସ୍ଥାୟୀ ସ୍ଥାନାନ୍ତରଣ ହୁଏ । ତେଣୁ କେନ୍ଦ୍ର ପକ୍ଷରୁ ଏହି ସମସ୍ୟାକୁ ଗୁରୁତ୍ୱ ଦିଆନଯିବା ଓଡ଼ିଶା ପାଇଁ ଚିନ୍ତାର କାରଣ । ପ୍ରକଳ୍ପ, ହିଂସାକାଣ୍ଡ କିମ୍ବା ଦାରିଦ୍ର୍ୟ ଯୋଗୁଁ ବିସ୍ଥାପନ ହୋଇଥାଏ । ବାତ୍ୟା, ବନ୍ୟା ହେଲେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଅସ୍ଥାୟୀ ଭାବେ ଲୋକେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଆନ୍ତି । କିନ୍ତୁ ୨୦୦୮ ମସିହାରେ ପ୍ରଥମ କରି କେନ୍ଦ୍ରାପଡ଼ା ଜିଲ୍ଲା ସାତଭାୟା, ପେଣ୍ଠ, କାହ୍ନୁପୁର ଜଳବାୟୁ ପରିବର୍ତ୍ତନ ଯୋଗୁଁ ୫୭୧ ପରିବାର ବିସ୍ଥାପିତ ହୋଇଥିଲେ । ଏହା ଦେଶରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ବିସ୍ଥାପନ ବୋଲି କୁହାଯାଏ । ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ୧୯୮୦ରୁ ୯୦ ମସିହା ମଧ୍ୟରେ ସାତଭାୟା ପଞ୍ଚାୟତର ଅନେକ ଗାଁ ଗଭୀର ଭାବେ ପ୍ରଭାବିତ ହୋଇଥିଲା । ସ୍ଥିତି ଏଭଳି ହୋଇଥିଲା ଯେ ସରକାରଙ୍କ ପକ୍ଷରୁ ପୁନର୍ବାସ କଲୋନି ପ୍ରତିଷ୍ଠା କରାଯାଇଥିଲା । ଏପରିକି ୨୦୧୧ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ପୁନର୍ବାସ ଏବଂ ଥଇଥାନ ନେଇ ସ୍ୱତନ୍ତ୍ର ନୀତି ମଧ୍ୟ ପ୍ରସ୍ତୁତ ହୋଇଥିଲା । ଜଳବାୟୁ ପରିବର୍ତ୍ତନ ଜନିତ ବିସ୍ଥାପନର ଦୁଃଖ ଏତିକିରେ ସୀମିତ ନୁହେଁ, ପୁରୀ ଜିଲ୍ଲାର ବଳିଆପଣ୍ଡା ନୋଳିଆ ସାହି, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି । ଅନେକେ ସ୍ଥାନ ଛାଡ଼ି ଯିବାକୁ ବାଧ ହେଉଛନ୍ତି । ଏହାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ଜଳବାୟୁ ଆକ୍ସନ୍ ପ୍ଲାନ୍ ବି ପ୍ରସ୍ତୁତ ହୋଇଛି । ପରିବେଶ ସୁରକ୍ଷା ପାଇଁ ଆହୁରି କିଛି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଗ୍ରିନ ଫଣ୍ଡ, ସିସୋର ମ୍ୟାନେଜମେଣ୍ଟର ନୀତି କାର୍ଯ୍ୟକାରୀ ହେଲେ, ଜଳବାୟୁ ପରିବର୍ତ୍ତନ ବିସ୍ଥାପନଜନିତ ସମସ୍ୟାର ମୁକାବିଲା ଆହୁରି ଭଲ ଭାବେ ହୋଇପାରିବ ବୋଲି ବିଶେଷଜ୍ଞମାନେ କୁହନ୍ତି । ଜଳବାୟୁ କେବଳ ଜଳପତନ ବୃଦ୍ଧି କିମ୍ବା ବାତ୍ୟା ଯୋଗୁଁ ନୁହେଁ, ମରୁଡ଼ି ମଧ୍ୟ ବିସ୍ଥାପନର ଅଦୃଶ୍ୟ କାରଣ ବୋଲି କୁହାଯାଏ । ଯେଉଁ ବର୍ଷ ମରୁଡ଼ି ଅଧିକ ହୁଏ, ରୋଜଗାର ଅନ୍ୱେଷଣରେ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାନ୍ତି । ମୁଖ୍ୟତଃ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଏପରି ସମସ୍ୟା ଦେଖାଦେଇଥାଏ । ମାତ୍ର ଏହାକୁ ବିସ୍ଥାପନ ଭାବେ ଗ୍ରହଣ କରାନଯିବା ଦୁର୍ଭାଗ୍ୟଜନକ ବୋଲି ପରିବେଶବିତ୍‌ମାନେ ମତ ଦିଅନ୍ତି । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ, କେତେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହେଉଛି ତ କେତେବେଳେ ଅତ୍ୟଧିକ ବର୍ଷାରେ ଫସଲ ଉଜୁଡ଼ି ଯାଉଛି । ଜଳବାୟୁ ପରିବର୍ତ୍ତନ ଏବଂ ବିସ୍ଥାପନକୁ କେନ୍ଦ୍ର ସରକାର ଠିକ୍ ଭାବେ ବୁଝି ଏ ସଂକ୍ରାନ୍ତରେ ନିରାକରଣ ପଦକ୍ଷେପ ନନେଲେ, ଏହା ଆହୁରି ଜଟିଳ ହେବ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮ଟି ରାଜ୍ୟ ସର୍ବାଧିକ, ୧୦ଟି ମଧ୍ୟମ ଏବଂ ୧୧ଟି ରାଜ୍ୟ ସର୍ବନିମ୍ନ ପ୍ରଭାବିତ ଅଞ୍ଚଳ । ୧୯୭୦ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨୨ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ।

## ହୀରାଖଣ୍ଡର ହୀରା ବୀର ସୁରେନ୍ଦ୍ର ସାଏ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲାା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ । ୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତ୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା । ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ । ୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ : ୯୯୩୭୬୯୧୪୭୫

## ୧୧ନଂ. ଜୋନ୍‌ରେ ବିଜେଡିର ବାଜିମାତ

ନୀଳଗିରି, ୨୭/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଫଳାଫଳ ପ୍ରଥମ ଦିନରେ ପ୍ରକାଶ ପାଇଥିବା ବେଳେ ନୀଳଗିରି ବ୍ଲକ ୧୧ନଂ. ଜୋନରେ ବିଜେଡି ବାଜିମାତ କରିଥିବା ବେଳେ ମାତ୍ର ଉକ୍ତ ଜୋନରେ ୩ଟି ସରପଂଚ ଓ ୩ଟି ସମିତି ସଭ୍ୟକୁ ନେଇ ବିଜେପିକୁ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଉକ୍ତ ଜୋନରେ ୯ଗୋଟି ପଂଚାୟତ ମଧ୍ୟରେ ଆରବନ୍ଧ, ତେନ୍ତୁଳିଆ, ବରହମପୁର, ଧରମପୁର, ଛତ୍ରପୁର, କେ.ସି.ପୁର, ପିଠାହତା, ତେଲିପାଳ, ଗରଡିହି କୁ ନେଇ ନିର୍ବାଚନ ପ୍ରକାଶ ପାଇଥିବା ବେଳେ ବିଜେଡି ଦଳର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣମଂଜରୀ ସିଂ ୧୨୩୬୮ ଟି ଭୋଟ ପାଇଥିବା ବେଳେ ବିଜେପିର ଅର୍ଜୁନ କୁମାର ମାରାଣ୍ଡି ୯୦୩୨ ଟି ଭୋଟ ପାଇ ୩୩୩୬ ଟି ଭୋଟରେ ପରାଜୟ ବରଣ କରିଛନ୍ତି । ସେହିପରି ତେଲିପାଳ, ଆରବନ୍ଧ, ପିଠାହତା ପଂଚାୟତର ଉଭୟ ସରପଂଚ ଓ ସମିତିସଭ୍ୟ ବିଜେପି ସମର୍ଥନରେ ଜୟଲାଭ କରିଥିବା ବେଳେ ଅନ୍ୟ ସମସ୍ତ ୬ଗୋଟି ପଂଚାୟତର ସରପଂଚ / ସମିତିସଭ୍ୟ ପ୍ରାର୍ଥୀ ବିଜେଡି ସମର୍ଥନରେ ଜିନି ପଂଚାୟତ ଅକ୍ତିୟାର କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦ୍ୱିତୀୟ ଦିନରେ ବି ....

୩ଟି ଆସନରେ ବିଜେଡି ଆଗୁଆ ରହିଛି । ଢେଙ୍କାନାଳ ଜିଲ୍ଲାର ୮ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୭ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି । ଗଂଜାମ ଜିଲ୍ଲାର ୨୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୨୨ ଟି ଆସନରେ ବିଜେଡି ଆଗୁଆ ରହିଛି । ଗଜପତି ଜିଲ୍ଲାର ୬ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ଟି ଆସନରେ ଆଗୁଆ ରହିଛି । ଝାରସୁଗୁଡା ଜିଲ୍ଲାର ମୋଟ ୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୩ ଟି ଆସନରେ ବିଜେଡି ଆଗୁଆ ରହିଛି । ଯାଜପୁର ଜିଲ୍ଲାର ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୧ ଟି ଆସନରେ ବିଜେଡି ଆଗୁଆ ରହିଛି । ଗୋଟିଏ ଆସନରେ ବିଜେପି ଆଗୁଆ ରହିଛି । ଖୋର୍ଧା ଜିଲ୍ଲାର ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୨ ଆସନରେ ଆଗୁଆ ରହିଛି । କେନ୍ଦୁଝର ଜିଲ୍ଲାର ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୨ ଟି ଆସନରେ ବିଜେଡି ଆଗୁଆ ଥରହିଛି । କନ୍ଧମାଳ ଜିଲ୍ଲାର ୬ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୪ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଓ କଂଗ୍ରେସ ୧ଟି ଆସନରେ ଆଗୁଆ ରହିଛି । କୋରାପୁଟ ଜିଲ୍ଲାର ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ଆସନରେ ଆଗୁଆ ରହିଛି । କେନ୍ଦ୍ରାପଡା ଜିଲ୍ଲାର ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୦ ଟି ଆସନରେ ବିଜେଡି ଆଗୁଆ ରହିଛି । ମାଲକାନଗିରି ଜିଲ୍ଲାର ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୪ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ଟି ଆସନରେ ଆଗୁଆ ରହିଛି । ମୟୁରଭଂଜ ଜିଲ୍ଲାର ୨୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨୨ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଅନ୍ୟ ୨ ଆସନରେ ଆଗୁଆ ରହିଛି । ନବରଙ୍ଗପୁର ଜିଲ୍ଲାର ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୧ ଆସନରେ କଂଗ୍ରେସ ଆଗୁଆ ରହିଛି । ନୂଆପଡା ଜିଲ୍ଲାରୁ ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୪ ଟି ଆସନରେ ବିଜେଡି ଆଗୁଆ ରହିଛି । କଂଗ୍ରେସ ଗୋଟିଏ ଆସନରେ ଆଗୁଆ ରହିଛି । ନୟାଗଡ ଜିଲ୍ଲାର ୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୬ ଟି ଆସନରେ ବିଜେଡି ଆଗୁଆ ରହିଥିବା ବେଳେ ଗୋଟିଏ ଆସନରେ କଂଗ୍ରେସ ଆଗୁଆ ରହିଛି । ପୁରୀ ଜିଲ୍ଲାର ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ରହିଛି । ବିଜେପି ଓ କଂଗ୍ରେସ ଗୋଟିଏ – ଗୋଟିଏ ଆସନରେ ଆଗୁଆ ରହିଛନ୍ତି । ରାୟଗଡା ଜିଲ୍ଲାର ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୬ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୩ ଟି ଆସନରେ ଆଗୁଆ ରହିଛି । ସମ୍ବଲପୁର ଜିଲ୍ଲାର ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୭ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୨ ଟି ଆସନରେ ଆଗୁଆ ରହିଛି । ସୁବର୍ଣପୁର ଜିଲ୍ଲାର ୬ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୬ଟି ଆସନରେ ବିଜେଡି ଆଗୁଆ ରହିଛି । ସୁନ୍ଦରଗଡ ଜିଲ୍ଲାର ୧୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୭ ଟି ଆସନରେ ବିଜେଡି ଆଗୁଆ ରହିଛି । କଳାହାଣ୍ଡି ଜିଲ୍ଲାର ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ଟି ଆସନରେ ଆଗୁଆ ରହିଛି । ଗତକାଲି ପ୍ରଥମ ପର୍ଯ୍ୟାୟ ଗଣତି ହୋଇଥିଲା । ମୋଟ ୩୧୫ଟି ଜିଲ୍ଲାପରିଷଦ ଆସନର ଫଳାଫଳ ସମ୍ପର୍କରେ ସୂଚନା ମିଳିଛି । ବିଜେଡି ୨୮୧ ଜୋନରେ ବିଜୟୀ ହୋଇଥିବାବେଳେ ୧୫ ଟି ଜୋନରେ ବିଜେପି ଓ ୧୪ଟି ଜୋନରେ କଂଗ୍ରେସ ବାଜିମାତ୍ କରିଛନ୍ତି । ସେହିପରି ୨ଟି ଜୋନରେ ସ୍ୱାଧିନ ପ୍ରାର୍ଥୀ ଏବଂ ୨ଟି ଜୋନରେ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି । କେବଳ ନିଆଳି ଆସନର ଫଳାଫଳ ମିଳିପାରିନାହିଁ ।

## ପୂର୍ବତନ କ୍ରିକେଟର୍ ....

ଏକ ସାଇବର ଠକେଇର ଶିକାର ହୋଇଥିବା ନେଇ ଚର୍ଚ୍ଚାକୁ ଆସିଥିଲେ । କେଓ୍ୱାସି ଅପଡେଟ୍ ନାଁରେ ଜଣେ ଠକ ନିଜକୁ ବ୍ୟାଙ୍କ କର୍ମଚାରୀ କହି କାମ୍ବଲୀଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଠକି ନେଇଥିଲା । ଏହାକୁ ନେଇ କାମ୍ବଲୀ ବାନ୍ଦ୍ରା ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲେ, ଯାହା ପରେ ସାଇବର୍ ଟିମ୍ ତୁରନ୍ତ ଆକ୍ସନ ନେଇଥିଲା । ତଦନ୍ତ ପରେ କାମ୍ବଲୀ ନିଜର ଟଙ୍କା ଫେରିପାଇଥିଲେ । ଭାରତ ପକ୍ଷରୁ କାମ୍ବଲୀ ୧୦୭ ଦିନିକିଆ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୩୨ ହାରରେ ୨୪୭୭ ରନ୍ କରିଛନ୍ତି । କାମ୍ବଲୀଙ୍କ ନାଁରେ ୨ଟି ଶତକ ଓ ୧୪ ଅର୍ଦ୍ଧଶତକ ରହିଛି । ସେହିପରି ସେ ଭାରତ ପକ୍ଷରୁ ୧୭ ଟେଷ୍ଟ ମ୍ୟାଚ୍ ଖେଳି ୫୪ ହାରରେ ୧୦୮୪ ରନ୍ କରିଛନ୍ତି, ଯେଉଁଥିରେ ୪ ଶତକ ସାମିଲ୍ ଅଛି । ଘରୋଇ କ୍ରିକେଟରେ କାମ୍ବଲୀ ରେକର୍ଡ ଜବରଦସ୍ତ ରହିଛି । ସେ ୧୨୯ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୫୯.୬୭ ହାରରେ ୯୯୬୫ ରନ୍ କରିଛନ୍ତି । ଘରୋଇ କ୍ରିକେଟରେ କାମ୍ବଲୀ ୩୪ ଶତକ ମାରିଛନ୍ତି । କାମ୍ବଲୀ ୨୦୦୦ ମସିହା, ଅକ୍ଟୋବର ୨୯ ତାରିଖରେ ଭାରତ ପକ୍ଷରୁ ନିଜର ଶେଷ ମ୍ୟାଚ୍ ଖେଳିଥିଲେ ।

## ଯୁଦ୍ଧ ସଙ୍କଟକୁ ନେଇ....

ନେବା ଉପରେ ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ସେପଟେ ୟୁରୋପୀୟ ୟୁନିଅନ, ରୁଷ ପାଇଁ ସମସ୍ତ ଆକାଶ ପଥ ସିଲ କରିଛି । ଅର୍ଥାତ୍ ୟୁରୋପୀୟ ୟୁନିଅନ ଦେଇ ରୁଷର କୌଣସି ବିମାନ ଚଳାଚଳ କରିପାରିବ ନାହିଁ ।

## ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଂଚସଖାଙ୍କ ମଧ୍ୟରେ ଅନ୍ୟତମ ସାରସ୍ୱତ ସାଧକ ତଥା ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ତାଙ୍କ ପ୍ରତି ଅର୍ପଣ କରିଛନ୍ତି । ନିଜ ସୃଜନ ସୃଷ୍ଟି ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କ ବହୁମୂଲ୍ୟ ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ବେସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ବୈଠକ



ବାରିପଦା, ୨୭/୦୨ (ନି.ପ୍ର): ମୟୁରଭଞ୍ଜ ବେସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ବୈଠକ ଆଜି ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଗଙ୍ଗାଧର ବେହେରା କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟକଳାପ ଶେଷ ହୋଇଥିବା ସୂଚନା ଦେବା ପରେ ସର୍ବସମ୍ମତିକ୍ରମେ ନୂତନ କାର୍ଯ୍ୟ ନିର୍ବାହୀ କମିଟି ଗଠନ କରାଯାଇଛି । ଏହି ବନଗଠିତ କମିଟିର କର୍ମକର୍ତା ଭାବେ ପ୍ରଦୀପ୍ତ କିଶୋର ପଣ୍ଡା ସଭାପତି, କଳ୍ପନା ଷଡଙ୍ଗୀ ଓ ଗଙ୍ଗାଧର ବେହେରା ଉପସଭାପତି ଡ. ଶ୍ୟାମସୁନ୍ଦର ଦାସ ସାଧାରଣ ସମ୍ପାଦକ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ବୈଠକ ପ୍ରାରମ୍ଭରେ ଦିବଂଗତ ବରିଷ୍ଠ ଶିକ୍ଷାବିତ ଦୀପକ କୁମାର ଷଡଙ୍ଗୀ, ଡ. ମୋହନଲାଲ ସାହୁ, କାମପାଳ ସଦୁଆଳ ଓ ଗୋପୀନାଥ ଦାସଙ୍କ ବିୟୋଗରେ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କୋଭିଡ ମହାମାରୀ ସହିତ ରୁଷ-ୟୁକ୍ରେନ ଯୁଦ୍ଧର ଭୟାବହତା ଓ ବିଶ୍ୱ ଉପରେ ପ୍ରଭାବ ସଂପର୍କରେ ମଧ ଆଲୋଚନା କରାଯାଇଥିଲା । ବିବି କଲେଜରୁ ଅବସର ନେଇଥିବା ପ୍ରାଧାପକ କାହ୍ନୁଚରଣ ବସାଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦାସ, ଅଞ୍ଜଳି ଟିପିରିଆ, ଡ. କୁଞ୍ଜବନ ପୃଷ୍ଟି, ରାମେଶ୍ୱର ସାହୁ, ପ୍ରଦୀପ କୁମାର ପାଇରା, ଆଶିଷ କୁମାର ଦେ, ଯତୀନ୍ଦ୍ର ନାଥ ବସା, ପ୍ରତିଭା ସଂଜନ ଦାସ, ଡ. ପ୍ରକାଶ ମହାପାତ୍ର, ପ୍ରକାଶ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ସାହୁ, ଅନୀଲ କୁମାର କର, ହିମାଂଶୁ ଦାଶ, ଜ୍ୟୋର୍ତିମୟ ଘୋଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସରୋଜ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମେ ମୟୁରଭଂଜିଆ ଓ ଶୁଭଶଂଖ ପକ୍ଷରୁ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ୩୫ତମ ପୂଣ୍ୟତିଥି ପାଳିତ



ବାରିପଦା, ୨୭/୨(ଆପ୍ର): ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଐତିହାସିକ ତଥା ଓଡିଶାର ପ୍ରତ୍ନତ୍ତ୍ୱ ଗବେଷଣାର ଜନକଭାବେ ପରିଚିତ ପଦ୍ମଶ୍ରୀ ଡଃ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ୩୫ତମ ପୂଣ୍ୟତିଥିକୁ ଆମେ ମୟୂରଭଂଜିଆ ସଂଗଠନ ଓ ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେବ ବାରିପଦା ସଂସ୍କୃତି ଭବନ ପରିସରରେ ପାଳନ କରାଯାଇଛି । ଆମେ ମୟୂରଭଂଜିଆ ସମଗଠନର ଆବାହକ ତଥା ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ସଂପାଦକ ସଂଜୟକୁମାର ଚୌଧୁରୀଙ୍କ ଆବାହକତ୍ୱରେ ସମସ୍ତ କର୍ମକର୍ତ୍ତାମାନେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପହଞ୍ଚି ସେଠାରେ ଥିବା ଡଃ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିକୁ ଧୋଇ ସଫାସୁତୁରା କରି ଧୂପ ଦେଇ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୟୂରଭଂଜର ବରପୁତ୍ର ତଥା ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ପ୍ରତ୍ନତତ୍ତ୍ୱବିତ ଡଃ ପାଣିଗ୍ରାହୀଙ୍କ ଭଳି ବିରଳ ପ୍ରଜ୍ଞା ପୁରୁଷଙ୍କୁ ପୂଜ୍ୟପୂଜାର ପରମ୍ପରାରେ ଆଗାମୀ ପିଢୀଙ୍କ ନିକଟରେ ପରିଚିତ କରିବାକୁ ଆମେ ମୟୂରଭଂଜିଆ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏହି ଦିବସକୁ ପାଳନ କରାଯାଇ ଆସୁଛି । ଏହି ଅସବରରେ ଶୁଭଶଂଖ ସାହିତ୍ୟ ଅନୁଷ୍ଠାର ସ୍ଥାୟୀ ସଭାପତି ଡଃ ତରୁଣ କୁମାର ଓଝାଙ୍କ ସଭାପତିତ୍ୱରେ ଏନୁଷ୍ଠିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଡଃ ଶ୍ୟାମ ସୁନ୍ଦର ଦାସ ଏବଂ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସୁପୁତ୍ରୀ ପୂର୍ବତନ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଷଡଙ୍ଗୀ ଡଃ ପାଣିଗ୍ରାହୀଙ୍କ ବହୁ ମୁଖୀ ପ୍ରତିଭା ଓ ସ୍ୱାଭିମାନୀ ପଣ ଉପରେ ଆଲୋକପାତ କରିଥିଲେ । ସୂଚନା ଯୋଗ୍ୟ ଯେ, ଡଃ ପାଣିଗ୍ରାହୀ ଥିଲେ ଓଡିଶାର ପ୍ରତ୍ନତାତ୍ତ୍ୱିକ ଗବେଷଣାର ଜନକ । ଭୁବନେଶ୍ୱର ପ୍ରତ୍ନତାତ୍ତ୍ୱିକ ଅବଶେଷ ପୁସ୍ତକ ଇଂରାଜୀରେ ରଚନା କରି ସେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ କରିଥିଲେ । ଜଣେ ଐତିହାସିକ ଭାବେ ସେ ଯେତିକି ସୁବିଦିତ ଜଣେ ପ୍ରଖ୍ୟାତ ସାହିତ୍ୟିକ ଭାବେ ମଧ୍ୟ ସେ ସର୍ବଜନାଦୃତ ।

## ୭ନଂ ଜିଲ୍ଲାପରିଷଦ ଜୋନ୍ : ୧୦ ହଜାରରୁ ଅଧିକ ଭୋଟରେ ବିଜେଡି ବିଜୟୀ

ଜଳେଶ୍ୱର, ୨୭/୨(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ୭ନଂ ଜୋନର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ଏଥିରେ ବରଡିହା, କଳମା, କାଳିକ, ଖୁଆଡ, ଓଲମରା, ରାଇବଣିଆ, ସର୍ଦ୍ଦାରବନ୍ଧ ଓ ଶ୍ୟାମନଗର ପଂଚାୟତର ୩୭୩୨୧ ଭୋଟର ଭୋଟ ଦେବାକୁଥିବା ବେଳେ ୨୯୬୯୫ ଭୋଟର ସେମାନଙ୍କ ମତସାବ୍ୟସ୍ତ କରିଥିଲେ । ଏଥିରେ ବିଜେଡିର ତୁଳସୀ କିସ୍କୁ ୧୭୭୩୮ ଭୋଟ ପାଇଥିବା ବେଳେ ବିଜେପିର ବିଜେତା ଟୁଡୁ ୭୨୮୫ ଓ କଂଗ୍ରେସର ମାଣିକ ମାରାଣ୍ଡି ୩୭୦୦ ଏବଂ ସ୍ୱାଧୀନ ପ୍ରାର୍ଥୀ ମଂଜୁଲତା ସିଂ ୨୦୬ ଖଣ୍ଡ ଭୋଟ ପାଇଥିଲେ । ଏଂହା ବ୍ୟତିତ ୭୬୬ ଭୋଟ ନାକଚ ହୋଇଥିଲା । ଫଳରେ ତୁଳସି କିସ୍କୁ ତାଙ୍କ ନିକଟତମ ପ୍ରାର୍ଥିନୀ ବିଜେତା ଟୁଡୁଙ୍କୁ ୧୦୪୫୩ ଭୋଟରେ ପରାସ୍ତ କରିଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ୨୦୧୭ ମସିହାରେ ଏହି ଜୋନ୍‌ରୁ ବିଜେଡିର ପ୍ରାର୍ଥିନୀ ମାନିନୀ ପ୍ରମାଣିକ ୧୫୫୯୩ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱିନ୍ଦି ବିଜେପିର ଇସ୍ପିତା ଘଡେଇଙ୍କୁ ୯୫୭୬ ଭୋଟରେ ପରାସ୍ତ କରିଥିଲେ । ଫଳରେ ବିଜେଡି ତାର ଗଡ ବଜାଇ ରଖିଛି । ତୁଳସୀ କିସ୍କୁ ଏଥିପାଇଁ ଭୋଟର ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।


## ୭ନଂ ଜୋନ୍‌ର ୮ଟି ପଂଚାୟତର ନିର୍ବାଚିତ ହେଲେ ସରପଂଚ, ସମିତି ସଦସ୍ୟ

ଜଳେଶ୍ୱର, ୨୭/୨(ନି.ପ୍ର): ଆଜି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ୭ନଂ ଜୋନ୍‌ର ସରପଂଚ ଓ ସମିତି ସଦସ୍ୟଙ୍କ ଫଳାଫଳର ଘୋଷଣା କରାଯାଇଛି । ସର୍ଦ୍ଦାରବନ୍ଧ ପଂଚାୟତରର ସରପଂଚ ଭାବେ ସୁମିତା ସିଂ ଓ ସଦସ୍ୟଭାବେ ଗଣେଶ ସରେନ୍ ନିର୍ବାଚିତ ହୋଇଥିବା ବେଳେ ଶ୍ୟାମନଗର ପଂଚାୟତର ଗିରିଜା ଶଂକର ସାମଲ ଓ ସଦସ୍ୟଭାବେ ଫୁଲ ମୁର୍ମୁ ନିର୍ବାଚିତ ହୋଇଛନ୍ତି । ସେହିପରି ରାଇବଣିଆର ପଂଚାୟତର ସନ୍ଦିପ ନାରାୟଣ ଘୋଷ ସରପଂଚ ଓ ନାଗି ହେମ୍ବ୍ରମ ସମିତି ସଦସ୍ୟଭାବେ ନିବାଚିତ ହୋଇଛନ୍ତି । ବରଡିହା ପଂଚାୟତର ଅଜୟ କୁମାର ମହାନ୍ତି ସରପଂଚ ଓ ଚାନ୍ଦରାୟ ଟୁଡୁ ସଦସ୍ୟଭାବେ ନିର୍ବାଚିତ ହୋଇଥିବା ବେଳେ ଖୁଆଡ ପଂଚାୟତର ସୁସ୍ମିତା ବାରିକ ଓ ସଦସ୍ୟଭାବେ ବାଲି ସରେନ୍ ନିର୍ବାଚିତ ହୋଇଛନ୍ତି । କାଳିକ ପଂଚାୟତର ସରପଂଚଭାବେ ପୁଷ୍ପଲତା ଦାସ ଓ ସମିତି ସଦସ୍ୟଭାବେ ସୀତା ମାର୍ଣ୍ଡି ଓ କଳମା ପଂଚାୟତରସୁବିନିତା ଦତ୍ତ, ସମିତି ସଦସ୍ୟଭାବେ ଚିତ୍ତରଂଜନ ବେହେରା ନିର୍ବାଚିତ ହୋଇଛନ୍ତି । ସେହିପରି ଓଲମରା ପଂଚାୟତର ବାସନ୍ତୀ ବେରା ଓ ସମିତି ସଦସ୍ୟଭାବେ କବିତା ଦାସ ନିର୍ବାଚିତ ହୋଇ ବିଜୟ ଟିକା ପିନ୍ଧିଛନ୍ତି । ଫଳରେ ସମର୍ଥକ ମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପ୍ରାର୍ଥୀ, ବହୁ ସମର୍ଥକଭାବେ ଭୋଟଗଣତି କେନ୍ଦ୍ର ବାହାରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି ।

## ବାଲିଆପାଳ ୨୧ ନଂ ଜୋନରେ ବିଜେଡିର କାଂଚନବାଳା ଜେନା ବିଜୟୀ

ବାଲିଆପାଳ, ୨୭/୦୨ (ନି.ପ୍ର): ବାଲିଆପାଳ ବ୍ଲକରେ ଶନିବାର ଆରମ୍ଭ ହୋଇଥିବା ୨୧ ନଂ ଜୋନର ଭୋଟ ଗଣିତି ରବିବାର ସକାଳ ୭ଟା ପର୍ଯ୍ୟନ୍ତ ଚାଲିଥିଲା । ସର୍ବଶେଷ ଫଳାଫଳ ଅନୁଯାୟୀ ଏହି ଜୋନରେ ବିଜେଡିର ଜିଲାପରିଷଦ ପ୍ରାର୍ଥୀନୀ କାଂଚନବାଳା ଜେନା ୧୬୫୧୧ଖଣ୍ଡ, ବିଜେପିର ଝରଣା ଜେନା୧୯୭୪ ଖଣ୍ଡ ଏବଂ କଂଗ୍ରେସର ବିନୀତାରାଣୀ ଜେନା ୧୧୫୩୧ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ୫୬ ଖଣ୍ଡ ଭୋଟ ପାଇଛନ୍ତି । ୫୦୦ ଖଣ୍ଡ ଭୋଟ ନାକଚ ହୋଇଛି । ବିଜେଡି ପ୍ରାର୍ଥୀନୀ କାଂଚନବାଳା ଜେନା ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିନୀତାରାଣୀ ଜେନାଙ୍କଠାରୁ ୪୯୮୦ ଖଣ୍ଡ ପାଇ ବିଜୟୀ ହୋଇଛନ୍ତି । ସେହିପରି ପଂଚାୟତ ଗୁଡିକରେ କୁମ୍ଭାରୀ, ନିଖରା, ଦେଭୋଗ, ଅସ୍ତି, ବଳରାମପୁର ସରପଂଚ ସଦସ୍ୟ ବିଜେଡି ହାତକୁ ଯାଇଥିବା ବେଳେ ଶ୍ରୀରାମପୁର, ବାଲିକୁଟୀ ପଂଚାୟତ କଂଗ୍ରେସ ହାତକୁ ଯାଇଛି । ଘଂଟୁଆ ସମିତି ସଦସ୍ୟ କଂଗ୍ରେସ ହାତକୁ ଯାଇଥିବା ବେଳେ ସରପଂଚ ବିଜେଡି ହାତକୁ ଯାଇଛି । ଅସ୍ତିର ସରପଂଚ ପ୍ରାର୍ଥୀନୀ ତୃପ୍ତୀରାଣୀ ଜେନା ମାତ୍ର ୮ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ବିଜେଡିର ଚିଆରମ୍ୟାନ ଆଶାୟୀ ପ୍ରାର୍ଥନୀ ଜୟଲକ୍ଷ୍ମୀ ଅଣ୍ଡିଆ କୁମ୍ଭାରୀ ପଂଚାୟତରୁ ବିଜୟ ହୋଇଥିବା ବେଳେ କଂଗ୍ରେସର ଚିଆରମ୍ୟାନ ପ୍ରାର୍ଥୀନୀ ରଞ୍ଜିତା ନାୟକ ଘଂଟୁଆ ପଂଚାୟତରୁ ବିଜୟ ହୋଇଛନ୍ତି । ଦେଭୋଗ ଏବଂ ଘଂଟୁଆରେ ଭାଙ୍ଗିଲା କଂଗ୍ରେସ ଦୁର୍ଗ- ଘଂଟୁଆ ଏବଂ ଦେଭୋଗ ପଂଚାୟତ ଦୀର୍ଘ ଦିନ ଧରି କଂଗ୍ରେସ ହାତରେ ରହିଆସୁଥିଲା । କିନ୍ତୁ ଏଥର କଂଗ୍ରେସର ସେହି ଦୁର୍ଗ ଭାଙ୍ଗିଛି । ଘଂଟୁଆରେ ବିଜେଡିର ସରପଂଚ ପ୍ରାର୍ଥୀ ସୁଶୀଲ ପ୍ରଧାନ କଂଗ୍ରେସର ଭବେଶ ପ୍ରଧାନକୁ ହରାଇ ବିଜୟୀ ହୋଇଛନ୍ତି । ସେହିପରି ଦେଭୋଗର ବିଜେଡିର ସରପଂଚ ପ୍ରାର୍ଥନୀ ସବିତା ନାୟକ କଂଗ୍ରେସର ଟାଣୁଆ ନେତା ନରହରି ଜେନାଙ୍କ ପୁତ୍ର ବୋଧି ହରାଇ ବିଜୟୀ ହୋଇଛନ୍ତି । ସେଠାରେ ବିଜେଡିର ସମିତି ସଦସ୍ୟା ଗାୟତ୍ରୀ ନାୟକ ମଧ ବିଜୟୀ ହୋଇଛନ୍ତି । ୨୧ନଂ ଜୋନରେ ବିଜେଡି ହାତକୁ ୬ଟି ସରପଂଚ ପଦବୀ ଯାଇଥିବା ବେଳେ ୫ଟି ସଦସ୍ୟ ପଦବୀ ଯାଇଛି । କଂଗ୍ରେସ ହାତକୁ ୨ଟି ସରପଂଚ ପଦବୀ ଓ ୩ଟି ସଦସ୍ୟ ପଦବୀ ଯାଇଛି । ଏହି ବ୍ଲକରେ ୨୮ଟି ପଂଚାୟତ ରହିଥିବାରୁ ପଂଚାୟତ ସମିତି ଦଖଲ ପାଇଁ ୧୫ଟି ସମିତି ସଦସ୍ୟ ଆବଶ୍ୟକ ରହିଛି । ଆଉ ୩ଟି ଜୋନର ଗଣତି ପରେ ପଂଚାୟତ ସମିତି କିଏ ଦଖଲ କରିବ ତାହା ସ୍ପଷ୍ଟ ହେବ । ଆଜି ୨୨ନଂ ଜିଲାପରିଷଦ ଜୋନର ଗଣତି ଆରମ୍ଭ ହୋଇଛି । ସପ୍ତମ ରାଉଣ୍ଡ ସୁଦ୍ଧା ବିଜେଡିର ନିଶାକର ସେଠୀ ୮୭୩୯ ଖଣ୍ଡ , ବିଜେପିର ଜଗବନ୍ଧୁ ମଲ୍ଲିକ ୪୮୬୯ଖଣ୍ଡ, କଂଗ୍ରେସର ମୃତ୍ୟୁଞ୍ଜୟ ଧଳ ୫୮୯୮ ଖଣ୍ଡ ଭୋଟ ପାଇଛନ୍ତି । ବିଜେଡିର ନିଶାକର ସେଠୀ ୨୮୪୧ ଖଣ୍ଡ ଭୋଟରେ ଆଗୁଆ ଅଛନ୍ତି ।

## ପୌର ନିର୍ବାଚନପାଇଁ ପଟ୍ଟାବିହୀନ ଟ୍ରଷ୍ଟର ପ୍ରଚାର ଆରମ୍ଭ



ବାରିପଦା, ୨୭/୦୨ (ନି.ପ୍ର): ପୌର ନିର୍ବାଚନ ଘୋଷଣା ସିରିଥିବା ବେଳେ ଆଜି ବାରିପଦାର ଭୁଗୁଡ଼ାକଟା ୨୬ ନମ୍ବର ଓ୍ୱାର୍ଡରେ ପଟ୍ଟାବିହୀନ ଟ୍ରଷ୍ଟ ପକ୍ଷରୁ ପୌର ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କର୍ମୀ ମାନଙ୍କୁ କୁହାଯାଇଛି । ଏହି ନିର୍ବାଚନରେ କିଏ ପୌରପରିଷଦ ପାଇଁ ଚେୟାରମ୍ୟାନ ପ୍ରାର୍ଥୀ ହେବେ ଆସନ୍ତାକାଲି କାର୍ଯ୍ୟକାରିଣୀ ଓ ବରିଷ୍ଠ କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ନିଷ୍ପତି ନିଆଯିବ ବୋଲି କୁହାଯାଇଛି । ପର୍ଯ୍ୟାୟକ୍ରମେ ଓ୍ୱାର୍ଡ କାଉନସିଲର ମାନଙ୍କ ନାମ ମଧ୍ୟ ଘୋଷଣା କରାଯିବ । ଟ୍ରଷ୍ଟର ଦାବୀଗୁଡିକୁ ଠିକଭାବେ କାର୍ଯ୍ୟକାରୀ କରାଯାଇ ସମସ୍ତ ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ଦେବାର ସରକାର ଓ ପ୍ରସାଶନ ବିଫଳ ହୋଇଥିବା ଅଭିଯୋଗ ଅଣି ଏହାର ପ୍ରତିବାଦରେ ପଟ୍ଟାବିହୀନ ଟ୍ରଷ୍ଟ ନିର୍ବାଚନକୁ ଓହ୍ଲାଉଛି ବୋଲି ବ୍ୟକ୍ତମାନେ କହିଛନ୍ତି । ଏ ବାବଦରେ ଟ୍ରଷ୍ଟ ବହୁପୂର୍ବରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିସାରିଛି । ତେବେ ଆଜିର ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ପ୍ରୀୟଜିତ୍ ମଦିନା, ସିଂନଗଲତା ମାଝୀ, ପ୍ରଭାସିନୀ ମହାପାତ୍ର, ଚନ୍ଦ୍ରମଣୀ ବାରିକ୍, ରଞ୍ଜନା ପାତ୍ର, ଜ୍ୟୋଷ୍ଣାରାଣୀ ସେଠୀ, ହୀରାମଣି ବୈଠା, ସରିତା ଭଞ୍ଜଦେଓ, ରବିନ୍ଦ୍ରନାଥ ଦେ, ଚିତରଞ୍ଜନ ସି, ଶାନ୍ତିଲତା ନାୟକ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ ।

